30

भारत सरकार
GOVERNMENT OF INDIA
राष्ट्रीय पुस्तकालय, कलकत्ता
NATIONAL LIBRARY, CALCUTTA

वर्ग संख्या
Class No. OR 891.451

पुस्तक संख्या
Book No. U3689

रा० पु० ३८
N. L. 38.

MGIPC—S4—13 LNL/64—30-12-64—50,000.

ଗୀତାଭିଧାନ ।

ସୁଖ୍ୟାତ କବି ଉପେନ୍ଦ୍ରଭଞ୍ଜଙ୍କ ବିରଚିତ

ଅଧୁନା

ଶ୍ରୀ ଅଭିଲଚନ୍ଦ୍ର ଦାନଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।

କଟକ ଅରୁଣୋଦୟ ଯନ୍ତ୍ରାଳୟରେ

ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଷଷ୍ଠବାର ମୁଦ୍ରିତ ।

✽ ପ୍ରାପ୍ତିସ୍ଥାନ ✽

ଅରୁଣୋଦୟ ପୁସ୍ତକାଳୟ ବାଲୁବଜାର-

ପୋ: ଅ: ଚାନ୍ଦନୀଚୌକ କଟକ

୧୯୩୩

ମୂଲ୍ୟ ଟ ୦ ୶ ତିନିଅଣା ମାତ୍ର ।

NATIONAL LIBRARY

C.59.
25 3/-
Or
891.451
U368g
SHELF LISTED

ଗୀତ [illegible] ଧାନ *

NATIONAL LIBRARY
No. 225
Date
CALCUTTA.

ଗୀତଅଭିଧାନ ହୋଇଁ ସାବଧାନ ଶୁଣ ସୁଜନେ ସନ୍ତୋଷେ ।
ଅମଳ ହିକାଣ୍ଡ ଯାଦବ ଶାଶ୍ବତ ମେଦନୀ ଦଣ୍ଡପ୍ରକାଶେ । ୧ ।
ପ୍ରଚୁର ଶବଦ ଯେତେ ତା କହିବା ଛାଡ ଅପ୍ରଚୁରମାନ ।
ବୁଝାଇଲେ ମୂର୍ଖେ ବୁଝିବେ ଅକ୍ଲେଶେ ସ୍ବଳ୍ପେ କୋବିଦଜନ ।୨।
ଏଠାରୁ ଷଯାଏ ପ୍ରାନ୍ତାକ୍ଷର ଘେନ ବର୍ଗ ବର୍ଗ ଏ ହୋଇବ ।
ଏହା ଶବଦଙ୍କ ନାନାର୍ଥେ ବୁଝାଇ କବିଙ୍କି ପ୍ରମୋଦ ଦେବ । ୩ ।
କ ବୋଲି ପବନ ଜଳକୁ କ ବୋଲି ବ୍ରହ୍ମାକୁ ଶିରକୁ ସତ ।
କୁ ବୋଲି କୁତ୍ସିତକଥାକୁ ପୃଥ୍ବୀକି ଶୁଣ ବୁଧେ ଦେଇ ଚିତ୍ତ । ୪ ।
ଅର୍କ ବୋଲି ଅର୍କପର୍ଣ୍ଣୀକି ରବିଙ୍କି ତାମ୍ର ସ୍ଫଟିକ ଇନ୍ଦ୍ରକୁ ।
ଅଙ୍କ ବୋଲି ଜାଣ କ୍ରୋଡ଼ ଚିହ୍ନ ପାପ ଦୁଃଖ ଦୂଷଣ ରେଖାକୁ ।୫।
କର୍କ ଶୁକ୍ଳ ଅଶ୍ବ ସଲିଳ କର୍କଟ ଅନଳ ଘଟ ଦର୍ପଣ ।
କାକ ଅଛି ବୃକ୍ଷଭେଦେ ବୃଷଭେଦେ କାକ ରଜବନ୍ଧ ଦ୍ରୋଣ ।୬।
କୋକ କହନ୍ତି ଚକ୍ରବାକ ଏହା ମୃଗ ଦଷ୍ଟ୍ରୁ ଖର୍ଜ୍ଜୂର ଦର୍ଦ୍ଦୁର ।
ଶୁକ କହି ବ୍ୟାସସୁତଙ୍କୁ ରାବଣମନ୍ତ୍ରିକି ଶୁକ ଯେ କୀର । ୭ ।
ଲଙ୍କା ବୋଲାଇ ଯେ ଦୈତ୍ୟପୁରୀ ଶାଖା ଡାକିନୀ କୁଳଟା ନାମ ।
ଚକ୍ରୀ ସଙ୍କରି ଚକ୍ରୀ ଭୁଜଙ୍ଗମ ଚକ୍ରୀ ଯେ ପୁରୁଷୋତ୍ତମ । ୮ ।
ଶୁକ୍ର ଦୈତ୍ୟଗୁରୁ ଶୁକ୍ର ଜ୍ୟେଷ୍ଠମାସ ଶୁକ୍ର ଅଗ୍ନି ଶୁକ୍ର ରେତ ।
ରଥପଦରେ ଯେ ଅସ୍ତ୍ରୁଥ ବୃନ୍ଦରେ ଚକ୍ରବାକେ ଚକ୍ର ଉକ୍ତ । ୯ ।
ଏକ ବୋଲନ୍ତି ଯେ କେବଳ ଶ୍ରେଷ୍ଠକୁ ଜନ ଭୁବନଙ୍କୁ ଲୋକ ।
ନାକ ବୋଲାଇ ଯେ ସ୍ବର୍ଗପୁର ଗ୍ରୋକ ଅକାଶ ଅଲ୍ପ ସ୍ତବକ । ୧୦ ।
କଙ୍କ ଯେ ବୋଲାଇ ଲୋହପୃଷ୍ଠ ଯମ ପଦ୍ୟ କ୍ଷତ୍ରି ନାମ ଶ୍ଳୋକ ।
ଟଙ୍କ ବୋଲି ନାଲେ କପିତ୍ଥ ଖନିତ୍ରେ କର୍ଦ୍ଦମ ପାତକ ପଙ୍କ ।୧୧।

ବକ ବୋଲି ବକପୁଷ୍ପେ ବଳାକଙ୍କୁ ବକ ପୂତନାଅଗ୍ରଜ ।
ବିତର୍କ କୁହେତୁ ଶାସ୍ତ୍ରକୁ ବାଞ୍ଛାକୁ ତର୍କ ବୋଲିକରି ହେଜ ।୧୨।
ରାକା ବୋଲଇ ଯେ ରଜୋଦଗନାସ୍ତ୍ରୀ ପୌର୍ଣ୍ଣମାସୀ ନଦ୍ୟନ୍ତରେ ।
ପାକ ବୋଲି ପରିଣତକୁ ଡିମ୍ବକୁ ପକ୍ୱକୁ ସ୍ୱାଦସାନ୍ତରେ ।୧୩।
ଅଶୋକ ବୋଲନ୍ତି କେଳିପାଦପକୁ ପୁଣି ଶୋକଶୂନ୍ୟନରେ ।
ଅଳକା କୁବେରପୁରୀ ଯେ ଅଳକା ପୁଣି ଚୂର୍ଣ୍ଣକୁନ୍ତଳରେ ।୧୪।
ଆନକ ପଟହ ଆନକ ଭେରୀ ଯେ ଆନକ ଡମ୍ବୁରେ ଉକ୍ତ ।
ଅମ୍ବିକା ବୋଲାଇ ଧୃତରାଷ୍ଟ୍ରମାତା ଅମ୍ବିକା ପାର୍ବତୀ ଖ୍ୟାତ ।୧୫।
ମେଚକ ମୟୂର ପୁଚ୍ଛ ଯେ ମେଚକ ଶ୍ୟାମଳ ବର୍ଣ୍ଣ ଯେ ଧ୍ୱାନ୍ତ ।
ମଣ୍ଡୂକ ବୋଲନ୍ତି ଭେକକୁ ମଣ୍ଡୂକ ବୋଲଇ ପୁଣି ପଙ୍କଜ ।୧୬।
କାଳିକା ବୋଲାଇ ମେଘସମୂହ ଯେ କାଳିକା ଚଣ୍ଡିକା ଜାଣ ।
ଜନକ ବୋଲନ୍ତି ତାତକୁ ଜନକ ନୃପତିଭେଦରେ ଘେନ ।୧୭।
ପେଚକ ହସ୍ତିଲାଙ୍ଗୁଳ ଯେ ପେଚକ ବୋଲାଇ ବାୟସାରାତି ।
ଉଲୂକ ବୋଲାଇ ଦିବାନ୍ଧ ଉଲୂକ ଭାରତଯୋଦ୍ଧାରେ କହି ।୧୮।
କୂପକ ବୋଲି କୁକୂନ୍ଦରେ ତୈଳକୁ କୂପକ ଗୁଣବୃକ୍ଷକ ।
ତାରକ ମନ୍ତ୍ର ତାରକ ଦୈତ୍ୟଭେଦେ ପୁଣି ତାରକ ନାବିକ ।୧୯।
ତାରକ ନାମ ବହଇ କନୀନିକା ତାରକା ତାରା ବୋଲାଇ ।
ଆଲୋକ ଶବ୍ଦ ଦ୍ୟୋତରେ ଲୋକନରେ ବନ୍ଦିଭାଷଣେ ବର୍ତ୍ତଇ ।୨୦।
ବାହ୍ଲୀକ ବୋଲାଇ କୁଙ୍କୁମ ବାହ୍ଲୀକ ହିଙ୍ଗୁ ଯେ ବାହ୍ଲୀକ ଦେଶ ।
ବର୍ତ୍ତିକ ନେତ୍ରରୋଗନାଶ ଔଷଧ ବର୍ତ୍ତିକ ପକ୍ଷିବିଶେଷ ।୨୧।
କଳଙ୍କ ବୋଲି ଲାଞ୍ଛନକୁ କଳଙ୍କ ବୋଲି ଯେ ଅପବାଦକୁ ।
ସୂଚକ ଶବ୍ଦ ଶୁନରେ ପ୍ରବର୍ତ୍ତଇ ସୂଚକ ବୋଲି ଖଳକୁ ।୨୨।
ପୃଥୁକ ଶବ୍ଦ ପୃଥୁକାରେ ଚିପିଟେ ପୃଥୁ ନୃପଭେଦେ ଜାଣ ।
ଖନକ ବୋଲାଇ ଉନ୍ଦୁର ଖନକ ସିନ୍ଧିଚୋରରେ ପୁଣ ।୨୩
ନାୟକ ବୋଲି ଶ୍ରେଷ୍ଠକୁ ପୁରୁଷକୁ ନାୟକ ଖଡ୍ଗ ଧର ।

କଣ୍ଟକ ଖଳ ଶୃଗାଳରେ ପ୍ରବର୍ତ୍ତେ କଣ୍ଟକ ନାସ୍ତିକ ନର । ୨୪ ।
ଜମ୍ବୁକ ବୋଲି ଶୃଗାଳକୁ ଶୀ ୨କୁ ଜମ୍ବୁକ ଜଳେଶ୍ୱର ।
କଞ୍ଚୁକ ନାମ ସର୍ପଚର୍ମେ ଔଷଧେ କଞ୍ଚୁକ ବାରବାଣର । ୨୫ ।
ତକ୍ଷକ ନାମ ବୃକ୍ଷକେ ପ୍ରବର୍ତ୍ତିଲ ତକ୍ଷକ ଯେ ମଦ୍ୟପାଙ୍କ ।
ଜୀରକ ବଣଭେଦେ ଅଛି ଜୀରକ ଦସ୍ତେଷ୍ଟଶାଳକ ଶତ । ୨୬ ।
କୁଳକ ନାମ ନାଗଭେଦେ କୁଳକ ଉତ୍ତମକୁଳରେ ଭଣି ।
ନରକ ନାମ ଭୂମିପୁତ୍ର ଦୈତ୍ୟରେ ନରକ ନିରୟେ ଭଣି । ୨୭ ।
ଚଷକ ବୋଲାଇ ବର୍ଣ୍ଣଙ୍କୀ ଚଷକ ଅଷ୍ଟକୁଳାନାଗେ ଘେନ ।
କଣ୍ଟକ ବୋଲାଇ କ୍ଷୁଦ୍ରଶତ୍ରୁ ସେଗ କଣ୍ଟକ ଲଗ୍ନକୁ ଭଣି । ୨୮ ।
ଲଷ୍ଟ୍ରୀକୁ ବୋଲାଇ କ୍ଷୁଦ୍ରଭୂମିକା ଯେ ସୂର୍ଯ୍ୟବଂଶନରେଶ୍ୱର ।
ଅତଙ୍କ ବୋଲାଇ ରୋଗସନ୍ତାପକୁ ଅତଙ୍କ କାମୁକ ନୂର । ୨୯ ।
ଗୌରିକ ସୁବର୍ଣ୍ଣ ଗୌରିକ ଗୌର୍ଯ୍ୟ ଯେ ଗୌରିକ ବୋଲାଇ ସ୍ଥାନ ।
କରକ ଦାଡ଼ିମ କମଣ୍ଡଳୁ ବାଉ ନାଉକେଳଫଳ ଘେନ । ୩୦ ।
ଟୈଙ୍କକୁ ଶ୍ଳେଷ୍ମକୁ ଔଷଧିକ ବୃକ୍ଷଭେଦକୁ ବୋଲି ତଳକ ।
ବୃନ୍ଦ ସୋମାଶ ହରତାଳ ସମ୍ଭର ଦ୍ରୁମେ ବୋଲନ୍ତି ପୁଲକ । ୩୧ ।
ପୁଷ୍ପକ କୁବେରରଥ ନେତ୍ରରୋଗ ପୁଷ୍ପକ ରଥ କଙ୍କଣ ।
ପୁଷ୍ପକ ଶଙ୍କୁ ପୁଷ୍ପକ କଳିକା ପୁଷ୍ପକ ଯେ ରସାଞ୍ଜନ । ୩୨ ।
ବାଳିକା ବୋଲାଇ ପତ୍ରଶାଖାଳ ଯେ ବାଳିକା କର୍ଣ୍ଣଭୂଷଣ ।
ବାଳିକା ବୋଲନ୍ତି ବାଳାକୁ ବାଳିକା ବାଲୁକା ଏଳାରେ ଘେନ ॥
ରସିକା ରକ୍ତବଚକ୍ଷଣୀ ରମଣୀ ଇକ୍ଷୁଲତା ଗୁଡ଼ଫଳ ।
ରକ୍ତକ ଅମ୍ଳାନ ବନ୍ଧୁକ ଯେ ଅନୁରାଗୀ ସୁରଙ୍ଗଦୁକୂଳ । ୩୪ ।
ଚୂତକ ଗାନ୍ଧପୁର ବଲ୍ଲୀ କପୋତ ପୁଷ୍ପିକା ପିତ୍ତୁଳୀ ସୁତା ।
ଭ୍ରମକ ରୋଗ ଦଦ୍ରୁଙ୍ଗ ହେମ ଧୂର୍ତ୍ତ ଜମ୍ବୁକେ ହୁଅଇ ଯୁକ୍ତା । ୩୫ ।
କନକ ସୁବର୍ଣ୍ଣ କନକ ଚମ୍ପା ଯେ କନକ ନାଗକେଶର ।
କନକ ପୁନ୍ନାଗ କନକ ସୁନାସି ପୁଣି କନକ ଧୂସ୍ତୁର । ୩୬ ।

ପ୍ରିୟକ ମୃଗ ପ୍ରିୟକ ଯେ କଦମ୍ବ ପ୍ରିୟକ ପ୍ରିୟଙ୍ଗୁ ହୋଇ ।
ପ୍ରିୟକ ପୀତ ଶାଳତରୁ ପ୍ରିୟକ ଚର୍ମଠାରେ ପ୍ରବର୍ତ୍ତିଲ । ୩୭ ।
କଣ୍ଟକ ସମୁଦ୍ରଲବଣ ବଳୟ ଦ୍ୱିରଦଦନ୍ତମଣ୍ଡଳ ।
ସାନୁ ନତମ୍ବ ଗନ୍ଧାଶ୍ମ ଏତେକ କଣ୍ଟକଶବ୍ଦେ ମଣ୍ଡିଳ । ୩୮ ।
କୌଶିକ ବିଶ୍ୱାମିତ୍ର ଇନ୍ଦ୍ର ନକୁଳ ପୁଣି ପେଚକ ଗୁଗ୍ଗୁଳ ।
ବିଷବୈଦ୍ୟ ନାମ କୌଶିକ କୌଶିକୀ ନଦୀ ଚଣ୍ଡୀ ନାମ ଭେଳ ।୩୯
ମାଳକା କହ ମାଳକାକୁ ପୁଷ୍ପୀକ ସପ୍ତଳା ନଦୀଭେଦକୁ ।
ଯମକ ବୋଲି ସଂଯମକୁ ଯମକୁ ପୁଣି ଶବ୍ଦାଲଙ୍କାରକୁ । ୪୦ ।
ରୂପକ ବୋଲି ମୂର୍ତ୍ତିକ ନାଟକକୁ କାବ୍ୟାଲଙ୍କାରେ ରୂପକ ।
ମଲ୍ଲିକା ହଂସ ଭୃଣଶୂନ୍ୟ ଗଣିକା ବେଣ୍ୟା ଯୂଥିକାକୁ ଲେଖ । ୪୧ ।
ପଦ୍ମକ ହିଁ ପଦ୍ମକାଷ୍ଠ ହସ୍ତୀମଦବିନ୍ଦୁ ଯେ ହୃଦପଦ୍ମକ ।
ପ୍ରତଅଙ୍ଗ ପ୍ରତକୂଳ ବିଲୋମ ଏ ତିନିଙ୍କି ବୋଲି ପ୍ରତୀପ । ୪୨ ।
ପଲ୍ୟଙ୍କ ବୋଲି ମଞ୍ଚକୁ ପର୍ଯ୍ୟଙ୍କକୁ ପଲ୍ୟଙ୍କ ଯେ ପର୍ଯ୍ୟସ୍ତିକା ।
କେତନ ସୌଭାଗ୍ୟ ନାଟକାଙ୍ଗ ସେନ ତିନିଙ୍କି ବୋଲି ପତାକା ।୪୩।
ବଳାହକ ବୋଲି ଜଳଦ ମେଘକୁ ଅଷ୍ଟକୁଳାନାଗେ ପୁଣ ।
ନଦ୍ଧଘୋଷ ହସ୍ତ ଇନ୍ଦ୍ରାଇ ଅସୁର ବଳାହକ ନାମ ଜାଣ । ୪୪ ।
କପର୍ଦ୍ଦକ ବୋଲେ ଧୂର୍ଜଟିଜଟାକୁ ବରାଟକେ ସର୍ବନର ।
ବିନାୟକ କହ ତାର୍କ୍ଷ୍ୟ ସଜ୍ଜନକୁ ବିନାୟକ ଗଣେଶ୍ୱର । ୪୫ ।
ବରାଟକ କହ କପର୍ଦ୍ଦିକ ପୁଣି ବରାଟକ ବୀଜକୋଷ ।
ସରଟ ମୟୂର ଚରଣାୟୁଧକୁ କୃକବାକ ଦ୍ୱନ୍ଦ୍ୱକ୍ଷ । ୪୬ ।
ଯୂଥୀ ଅମ୍ଲାନଝିଣ୍ଟୀ କୁରୁଣ୍ଟକ ଶୋଣରେ ଯେ କୁରୁବକ ।
କୌଳେୟକ ଶ୍ୱାନକୁଳ କୁଳୀନ ଯେ ମଣିଭେଦେ ଗୋମେଦକ ।୪୭
କୈବାରୁକ ବୋଲି ଚନ୍ଦ୍ର ଭୃଣକୁ ଦାର୍ଷାସୁକୁ ସର୍ବମତେ ।
ଦ୍ୱୀପିନକ ବ୍ୟାଘ୍ର ସହ ଚିତ୍ରକର ଅଛି ନବରସଗତେ । ୪୮ ।
ମଣ୍ଡଳକ ଦମ୍ଭ ବୃନ୍ଦାରକ ଶ୍ରେଷ୍ଠ ମଣ୍ଡଳକ ଶୋଭା ପୁର ।

ପୁଣ୍ଡରୀକ ନାମ କହେ ପଦ୍ମ ବ୍ୟାଘ୍ର ଅନଳକୋଣ କୁଞ୍ଜର । ୪୯ ।
ମାଣବକ ବୋଲି ବାଳକୁ ଉନ୍ଦୁକୁ ମାଣବକ ଅର୍ଦ୍ଧହାର ।
ବୈତାଳିକ ବୋଲି ଶିଳ୍ପୀ ବେତାଳକୁ ବୈତାଳିକ ବୋଧକର । ୫୦ ।
ବଦୂଷକ ବୋଲି ଗୃହ୍ନିବହ୍ନିକୁ ଯେ ପରନିନ୍ଦକକୁ କହି ।
ଶାଲାବୃକ ନାମ ଶଗାଳ କୁକୁର ବାନରେ ଶାଳକ କହି । ୫୧ ।
କର୍ତ୍ତୃଣକ ବୋଲି ତୃଣଙ୍କୁ ଗନ୍ଧ ବ୍ୟବହାରଣୀଙ୍କ ଗଣେ ।
ସୌଗନ୍ଧିକ ବୋଲି କହ୍ଲାର ପଦ୍ମକୁ ଗନ୍ଧଦ୍ରବ୍ୟରେ ପାଷାଣେ । ୫୨ ।
ଅହୁଦ୍ଧକ ନାମ କହେ ବହ୍ନାସୃପ କରଜଘାତେ ଯେ ସର୍ବେ ।
ସୁବଚନ୍ତ ବୋଲି ମାଧବୀଲତାକୁ ଅତ୍ୟର ମଦନୋଯକେ । ୫୩ ।

ଉତ କାନ୍ତ ।

ଖ ଧନ କହନ୍ତି ଇନ୍ଦ୍ରିୟେ ସୁଖେ ସ୍ୱର୍ଗେ ଅମ୍ବର ଷିତ ଗଗନେ ।
ଖଙ୍ଗ ସଂଖ୍ୟାରେ କପାଳଅସ୍ଥି କମ୍ବୁ ନଖ ଦୈତ୍ୟ ଅଭିଧାନେ । ୧ ।
ଶିଖୀ ବୋଲନ୍ତି ଅଗ୍ନି ମୟୂରକୁ ନଖ କରରୁହ ଶୁକ୍ର ।
ନଖୀ ଗନ୍ଧଦ୍ରବ୍ୟ ନଖୀ ସିଂହ ଶ୍ୱାନ ନଖୀ ତପସ୍ୱୀ ବୋଲନ୍ତି । ୨ ।
ଶାଖା ବୋଲି କହି ଦ୍ରୁମଶାଖା ପକ୍ଷ ବାହୁକ ବେଦଭାଗକୁ ।
ଶାଖା ବୋଲାଇ କାକପକ୍ଷୀ ଶିଖା ଯେ ଜ୍ୱାଳାକୁ କେଶପୁଚ୍ଛକୁ । ୩ ।
ବୋଲନ୍ତି ଲେଖ ଦେବତାଙ୍କୁ ପଂକ୍ତିକ ମୁଖ ପ୍ରାରମ୍ଭେ ବଦନେ ।
ଦମୁଖ କହନ୍ତି ଶୃଗାଳରେ ଉଷ୍ଟ୍ରରେ ଗଣ୍ଡଭେଦନେ ନର୍ତ୍ତନେ । ୪ ।
ବିଶିଖ ବୋଲି ଶରକୁ ଅମରକୁ ବିଶାଖା ଗୋପୀ ନକ୍ଷତ୍ର ।
ବୈଶାଖ ମନ୍ଥନଦଣ୍ଡ ଯେ ବୈଶାଖ ମାସଭେଦେ ହୋଏ ଯୁକ୍ତ । ୫ ।
ବିଶାଖ ବୋଲାଇ ତର୍କିକୁ ପୁଣି ଯେ ବିଶାଖା ଯେ ମହାସେନ ।
ସୁମୁଖ ବୋଲି ଯେ ଗରୁଡ଼କୁ କହି ନାଗ ପ୍ରଭେଦରେ ଯେନ । ୬ ।
ଅଗ୍ନିମୁଖ ବୋଲି ଦେବତା ବିପ୍ରଙ୍କୁ ଅଗ୍ନିମୁଖ ଭଲ୍ଲାତକ ।
ଶିଳୀମୁଖ ବୋଲି ଭ୍ରମରକୁ ଶିଳୀମୁଖ ବୋଲାଏ ଶାୟକ । ୭ ।

ଇନ୍ଦୁଲେଖା ବୋଲି ଶଶିକଳାକୁ ଯେ ସୋମଲତାକୁ ଅମୃତ ।
ସର୍ବତୋମୁଖ ବୋଲନ୍ତି ମହାଦେବ କ୍ଷେତ୍ରଜ୍ଞ ଆକାଶ ବାରି । ୮ ।

ଇତଖାନ୍ତ ।

ଗୋ ବୋଲି ଜଳକୁ ନେତ୍ର ପୃଥ୍ୱୀକି ନାସ୍ତିକୁ ସୁରଭିକ ।
ନାଗ ବୋଲନ୍ତି ପର୍ବତକୁ ବୃକ୍ଷକୁ ଅଗ ବୋଲି ଏ ଦୁହିଙ୍କି । ୧ ।
ଅଙ୍ଗ ବୋଲନ୍ତି ଶରୀରକୁ ଦେଶକୁ ଖଡ୍ଗ ଗଣ୍ଡକ କୃପାଣ ।
ସୂର୍ଯ୍ୟ ଗ୍ରହ ଦେବ ନାସିକ ବିହଙ୍ଗ ଖଗ ବୋଲି ଏତେ ଜାଣ । ୨ ।
ଦୃଗ ବୋଲି ଯେ ଛମୁକକୁ ବୃନ୍ଦକୁ ତ୍ୟାଗ ଯେ ଦାନ ବର୍ଜନ ।
ଲିଙ୍ଗ ବୋଲନ୍ତି ପୁଂନାଗକୁ ହରକୁ ଲିଙ୍ଗ ଯେ ଅଦ୍ଭୁତ ଚିହ୍ନ । ୩ ।
ଭଗ ବୋଲନ୍ତି ସ୍ୱର୍ଗକୁ ମହାତ୍ମ୍ୟକୁ କୀର୍ତ୍ତିକି ଯୋନିକି ପୁଣ ।
ଭଗ ବୋଲନ୍ତି ସଙ୍ଗତିକି ବୀର୍ଯ୍ୟକୁ ଭଗ ସୌଭାଗ୍ୟ ନିର୍ବାଣ । ୪ ।
ଭଙ୍ଗ ବୋଲାଇ ବପର୍ଯ୍ୟସ୍ତ ଲହରୀ ରୋଗଭେଦେ ଅଛି ଭଙ୍ଗ ।
ନୃତ୍ୟ ସମର ଲୋହିତବର୍ଣ୍ଣ ଧାତୁଭେଦକୁ କହନ୍ତି ରଙ୍ଗ । ୫ ।
ରାଗ ଅନୁରାଗ ଲୋହିତବର୍ଣ୍ଣ ଯେ କେଦାର ଆଦିକ କହି ।
ଭୋଗ ଶବଦ ସୁଖ ଧନୁ ଶରୀର ଫଣାଠାରେ ପ୍ରବର୍ତ୍ତିଲ । ୬ ।
ଭୃଗୁ ନାମରେ ଯେ ମୁନିଏ ଅଛନ୍ତି ଭୃଗୁ ଶୃଙ୍ଗ ସାନୁମାନ ।
ମୃଗ ବୋଲି ପଶୁ କୁରଙ୍ଗ ନକ୍ଷତ୍ର କରଭେଦେ ପୁଣି ସେନ । ୭ ।
ଲିଙ୍ଗ ଅସ୍ତ୍ରଭେଦେ ବ୍ୟାକରଣେ କହି ଶମ୍ଭୁ ଶେଫଚିହ୍ନେ ବର୍ତ୍ତି ।
ଶୃଙ୍ଗୀ ଗୋମୃଗାଦି ପର୍ବତ ସୁବର୍ଣ୍ଣ ମୀନ ଔଷଧି ବୋଲନ୍ତି । ୮ ।
ଯୁଗ ସଂଖ୍ୟାଦି ରଥ ଅଙ୍ଗେ କହନ୍ତି ଯୁଗଳ ବୋଲାଇ ଯୁଗ ।
ହସ୍ତ ବୋଲି କହି ଶିବଙ୍କୁ ଭସ୍ମକୁ ଗାଥା ଯୁଥ ବେନି ବର୍ଗ । ୯ ।
ବଙ୍ଗ ବୋଲି ରଙ୍ଗ ମାରଣେ ପ୍ରଦେଶେ କାର୍ପାସେ ବାର୍ତ୍ତାକୀବୃକ୍ଷେ ।
ଫଲ୍ଗୁ ଝିଷ୍ଟକ ସୁନ୍ଦର ଫଲ୍ଗୁ ସାର ନଦୀକି ବୋଲି ପ୍ରତ୍ୟକ୍ଷେ । ୧୦ ।
ନାଗ ବୋଲନ୍ତି ଯେ ଝୁରିକୁ ଶେଷକୁ ନାଗମାତଙ୍ଗ ଉରଗ ।
ଶାଙ୍ଗ କହି ଭୃଗୁରକୁ ଶିଖରକ ତଡ଼ି ବଖାଣ ଯେ ଶୃଙ୍ଗ । ୧୧ ।

ଫଳ୍ଗେଗ ବୋଲନ୍ତି ବରୁଣଛନ୍ଦଙ୍କୁ ପୂର୍ଣ୍ଣିତା ପୁଣି ଅଭ୍ରେଗ ।
ଅଶୁଗ୍ ଚାଣ୍ଡ ପବନ ଉଚ୍ଛଳିତା ଝମୁକ ଫଳ ଉଦେଗ । ୧୨ ।
ଜଳଙ୍ଗ ଭୂମି ଭର୍ତ୍ତାରୁ ଯେ ଧୂମ୍ୟାଟ କୃଚ୍ଛଜ ପୁତକରଜ ।
ଜଳଙ୍ଗ ବୋଲି ନଦୀ ଦେଖ ଜଳଙ୍ଗ ଭୁଜଙ୍ଗମ ମହୁଗଜ । ୧୩ ।
ପିଙ୍ଗଳ ବୋଲାଇ ପୁଷ୍ପରାଗ ପୁଷ୍ପରେଣୁ ଧୂଳି ଗନ୍ଧ ସାର ।
ବସଙ୍ଗ ବୋଲାଇ ଭବ ଗୁଦ ଗୁଡ଼ଦ୍ଧଜ ଯେ କୁଞ୍ଜର ଶିର । ୧୪ ।
ମଳଗ ଅଦ୍ଧ ଊଷଧିଭେଦେ ଅଛି ଶିଦ୍ଧ୍‌ଗରେ ଭଗ ଭୁଜଙ୍ଗ ।
ପଦ୍ମାଙ୍ଗ ରକ୍ତଚନ୍ଦନ ନଗଭେଦ ସ୍ୱପର ଗଜ ମାତଙ୍ଗ । ୧୫ ।
ରଥାଙ୍ଗ ବୋଲନ୍ତି ଚକ୍ର ଚକ୍ରବାକ ମୃଦଙ୍ଗ ମୁରଜ ଘୋଷ ।
ଗୁଡକ ମର୍କଟ ମଣ୍ଡୂକ ସାରଙ୍ଗ ନାଦକ ଧବସନ୍ଦେଶ । ୧୬ ।
ପ୍ଲବାଗ ବୋଲନ୍ତି ସ୍ଥବିରେ ତାପସେ ପାଣ୍ଡୁ ନାଗେ ଜାତଫଳେ ।
ପ୍ଲବାଗ ଦେବବଂଶଭବରୁ ନରଶ୍ରେଷ୍ଠ ନାମ ସବୁକାଳେ । ୧୭ ।
ପତଙ୍ଗ ବୋଲନ୍ତି ସୂର୍ଯ୍ୟଙ୍କୁ ପକ୍ଷୀଙ୍କି ଶଲଭଙ୍କୁ ବୁଧଜନ ।
ସଙ୍ଗଜ ଶଙ୍କର ସଲିଳ ଫଳ୍ଗେଗ ଭେଗ ପୁଣି ଉଥୂବନ । ୧୮ ।
ପଦ୍ମ ମୃଗ ଶଙ୍ଖ ରଜନୀ ଚନ୍ଦ୍ରମା ଧନୁ ସୁବର୍ଣ୍ଣ ଗୃତକ ।
ହଂସ ମନ୍ମଥଙ୍କୁ ଯେଉଁଣ ଶାରଙ୍ଗ ନାମ କହନ୍ତି ଏତେକ । ୧୯ ।
ରକ୍ତାଙ୍ଗ ବଦ୍ରୁମ ମଙ୍ଗଳ କାମୀ ଯେ ହେମାଙ୍ଗ ଗରୁଡ଼ ବଧି ।
ଲୁପଙ୍ଗ ଗନ୍ଧ ଗ୍ରହଗଣ୍ଡ ଗ୍ରହକଣ୍ଠେ ଲେ ପୂର୍ଣ୍ଣ ଏ ସିଦ୍ଧି । ୨୦ ।
ଲଟଭଙ୍ଗ ବୋଲି ବୈଧବ୍ୟଜନରେ ସ୍ୱତନ୍ତ୍ର ନୃପନାଶଙ୍କୁ ।
ଉଥାପ୍ରଙ୍ଗ ବୋଲନ୍ତି ବକ୍ଷବୈଦ୍ୟ ଅନ୍ତର ଯେ ବାଳଗଙ୍କୁ । ୨୧

ଇତି ଗାନ୍ତ ।

ଅଘ ବୋଲି ଚଂସମଞ୍ଚଙ୍କୁ ପାପକୁ ଅର୍ଦ୍ଧ୍ୟ ପୂଜାଦଣ୍ଡ ମୂଲ୍ୟ ।
ବ୍ୟାଘ୍ର ବୋଲନ୍ତି ଶାର୍ଦ୍ଦୂଳଙ୍କୁ ଶ୍ରେଷ୍ଠଙ୍କୁ ଯେନ ବୃନ୍ଦଦେବ ବଳ । ୧ ।
ମୁଦ୍ଗ ବୋଲନ୍ତି ଯେ ଦେହଜାନଳଙ୍କୁ ମୁଦ୍ଗ ଅଗ୍ନି ଅସ୍ତ୍ର ନାମ ।
ଶୀଘ୍ର ବୋଲି କୃଷ୍ଣସ୍ୱରୂପ ବେଗଙ୍କୁ ଊଷଧିଭେଦେ ଜାଣିମ । ୨ ।

ଅନଘ ବୋଲି ନିଷ୍ପାପଙ୍କୁ ଶୋକ୍ତିଙ୍କୁ ପ୍ରଚଣ୍ଡ ପ୍ରଘାତ କ୍ରୋଧ ।
ମହାମୂଲ୍ୟରେ ନାସ୍ତ୍ରକଠାରେ ଧଏ ମହାର୍ଘ ଶବ୍ଦ ପ୍ରବିଦ୍ଧ । ୩ ।
ପଦ୍ଧସ ଅଛି ଶଷ୍ପରେ ଯୋଗ୍ୟକରିବେ ପଦ୍ଧସ ହାଟକଲଶ ।
ନିଦାଘ ବୋଲନ୍ତି ଗ୍ରୀଷ୍ମସମସ୍ତଙ୍କୁ ସ୍ୱେଦଜଳଠାରେ କ୍ଷେଷ । ୪ ।

ଇତ ଘାନ୍ତ ।

ଦଣ୍ଡ ବୋଲି ଗୁରୁପୁଞ୍ଜଙ୍କୁ ଦେଖିଲୁ ହାର ନୈଷବେଶ ମଣି ।
କ୍ରୌଞ୍ଚ ବୋଲି ଦ୍ୱୀପ ପର୍ବତ ବଦ୍ଧଗବଶେଷଙ୍କୁ ଲୋକେ ଗଣି । ୧ ।
ଲୁଡ଼ ଭ୍ରୁ ହରଜ କଠିନ କୈତବ ତର୍ଜି ଯେ ଚଲ୍ତା ପୂଜନ ।
ହାର୍ଦ୍ଦୀ ବୋଲି ପ୍ରବ ମେଖଳାଦାମଙ୍କୁ ବୋଲନ୍ତି ସୁବୁଦ୍ଧିଜନ । ୨ ।
ଦ୍ୱନ୍ଦ ଚର୍ମ ଗୁଡ଼ଦ୍ୱଣଙ୍କୁ ବୋଲନ୍ତି ଘଟ ବାମନ ପାମର ।
ଲୁଣ୍ଡ ସାପ୍ତି ଶୋଭ ହାନ୍ତି ଅଲିଳାଷ ବର ବାଣୀ ବୃଷ ଙ୍କାର । ୩ ।
ସାଠ ବୋଲନ୍ତି ସ୍ୱନ୍ଦଙ୍କୁ ତରଙ୍ଗଙ୍କୁ ମୋଗ୍ଧ ଶାଳ୍ମଳୀ କଦଳୀ ।
ଶ୍ୱଠ ଗ୍ରୀଷ୍ମଙ୍କୁ ପଦ୍ଧଙ୍କୁ ଶ୍ୱଠ ଅଗ୍ନି ଜ ଶୁକ୍ଳଙ୍କୁ ଛଳ । ୪ ।
ଶ୍ୱଠ ବୋଲି ପର୍ବତେକ ବ୍ୟକ୍ଷୈକ ଶ୍ୱଠ ବକ୍ରକୁ କହନ୍ତି ।
ଶ୍ୱଠ ନାମ କହେ ଶୃଙ୍ଗାର ଅଷାଢ଼ ଶ୍ୱଠ କ୍ଷୁଦ୍ରାସ୍ୟୁଧେ ବର୍ଦ୍ଧି । ୫ ।
କଣୀଚୀ ବୋଲନ୍ତି ପୁଷ୍ପବଲ୍ଲୀଲତା ଗୁଞ୍ଜ ସଙ୍କଟ ସହତେ ।
କବର ବୋଲି ସେହ୍ଲାଙ୍କୁ ପର୍ଯ୍ୟଙ୍କୁ ମଦ୍ୟଲ୍ଲଣ୍ଡଙ୍କୁ ଯୁଗତେ । ୬ ।
ପ୍ରପଞ୍ଚ ବୋଲି ସ୍ୱୈରଙ୍କୁ ବସ୍ତାରଙ୍କୁ ନମୂଚ ଅସୁର ସାର ।
ମସ୍ତିଷ୍କ ଜରଣ ସପ୍ତର୍ଷି ଜାଣ ଚଧଞ୍ଚୀ ବୀଣା ବହାର । ୭ ।
ମାସ୍ତିଚ କଲ୍ଲୋଳ ଯାଜକ ଦ୍ୱିଜ ଯେ ମାସ୍ୟୁଲ୍ଲରଙ୍ଗ ଅସୁର ।
ଫଳୋର ବୋଲି ଯେ କଣ୍ଠ କୁଙ୍କୁମଙ୍କୁ ବରହି ବର୍ଣ୍ଣ ଶ୍ରୀଧର । ୮ ।

ଇତ ସ୍ତନ୍ତ ।

ସ୍ୱଚ୍ଛ ବୋଲି ଚଞ୍ଚଳଙ୍କୁ ଶ୍ୱିନ୍ନଙ୍କୁ ଗୁଚ୍ଛ ଯେ ସ୍ତବକ ହାର ।
ସ୍ୱଚ୍ଛ ନିର୍ମଳ ଅଭ୍ରମୁଖ ମେଚ୍ଛ ଯେ ଅପଲ୍ଲକ୍ଷଣ ପାମର । ୧ ।

ଇତ ଛନ୍ତ ।

ଜ୍ୟା ବୋଲନ୍ତି ସରସ୍ୱତୀଙ୍କି ନଭ୍ର ପିଶାଚଙ୍କୁ ଗଗନଙ୍କୁ ।
ଜ୍ୟା ଉବାଳ ପୃଥ୍ୱୀକି ଜ୍ୟା ବୋଲି ଗୁଣଙ୍କୁ ଜନେ ଅଣିମ ମନଙ୍କୁ ।୧।
ଅଜ ବୋଲନ୍ତି ବସ୍ତୁ ଶିବ ବିଧାତା ଛାଗ ସୂର୍ଯ୍ୟବଂଶନୃପ ।
ସୁତା ନୃପତି ଚନ୍ଦ୍ରଙ୍କ ଜନ୍ମ ଶିଳା କ୍ଷିତିସ୍ଥ ଯକ୍ଷକଳାପ । ୨ ।
ଜଗବୋଲି ସ୍ୱାସ୍ତ କଳଶ କୁଜ ଯେ ମଙ୍ଗଳ ନାରକାସୁର ।
ତାଲ୍ମା ବୋଲନ୍ତି ଯେ ଅଶ୍ୱଙ୍କ ପକ୍ଷିଙ୍କି ବାଣ ବୋଲାଇ ଯେ ଶର ।୩।
ଛିଦ୍ର ବୋଲି କାର୍ତ୍ତିକଙ୍କ କାନ୍ତି ଜିଯାଦଙ୍କ ବଳ ପ୍ରାଣ ବେନି ।
ଚକ୍ଷୁ ବୋଲି ଯେ ଚରଣ କୁନ୍ତଳଙ୍କ ସ୍ଥଧାଙ୍କ ପଦ୍ମଙ୍କ ଧେନି । ୪ ।
ବୃଷ୍ଟି ବୋଲନ୍ତି ନକୁଞ୍ଜିକ ହନକୁ କୃଷ୍ଣ ବୋଲି ହସ୍ତିରଦେ ।
ଦ୍ରୁଜ ବୋଲନ୍ତି ବଷଲ ବୃନ୍ଦକୁ ଯେ କୁଲୁ ଲୁବ୍ଧ ବୃକ୍ଷଭେଦେ । ୫ ।
ଦ୍ୱିଜ ବୋଲନ୍ତି ବ୍ରାହ୍ମଣ କ୍ଷତ୍ରି ବୈଶ୍ୟ ଦ୍ୱିଜ ଦନ୍ତଙ୍କ ବଦନ ।
ଧ୍ୱଜ ବୋଲାଇ ଯେ ସ୍ୱର୍ଣ୍ଣିକ ପତାକା ଖଟ୍ୱାଙ୍ଗ ଚିହ୍ନ ମେହନ । ୬ ।
ରଜ ଯଦ ରେଣୁ ସ୍ୱଗ ଶାନ୍ତି ବ୍ରଜ ଗୁଣାନ୍ତରେ ପ୍ରବର୍ତ୍ତିଲ ।
ରକ୍ଷ ବୋଲି ବେଷ ଦାମେ ପ୍ରଜା ବୋଲି ଲୋକ ସନ୍ତାନଙ୍କୁ କହ ।୭।
ବୀଜ ବୋଲନ୍ତି ଯେ ଦେହଲୁକ ବୀର୍ଯ୍ୟଙ୍କ ବୀଜ ଅଙ୍କୁର କାରଣ ।
ସ୍ୱଜ ଦଧି ଲୁଦ୍ର ସ୍ୱଜ ବୋଲି ସ୍ୱେଦ ଶୋଣିତ ପୁତ୍ରଙ୍କୁ ଗଣ । ୮ ।
ବାଜ ଅଛ ପକ୍ଷିଭେଦେ ବାଜ ବୋଲି ପକ୍ଷନିଃସ୍ୱନ ବେଗଙ୍କୁ ।
କଞ୍ଜ ପଙ୍କ୍ତି ଶୁଣ୍ଡିର କଞ୍ଜ ବୋଲି ଛନ୍ଦ କୁଟିଳ ଅଳକୁ । ୯ ।
ଅଣ୍ଡଜ ବୋଲି ମୃଗମଦେ ସରଟେ ଭୁଜଙ୍ଗମେ ଖଗେ ମତ୍ସେ ।
ଅଣ୍ଡଜ ବୋଲି ବୁଧରେ ପକ୍ଷଗରେ ପୃଷ୍ଠାରେ ପୁଣି କେଶେ ।୧୦।
ପଦ୍ମ ଚନ୍ଦ୍ର ଶଙ୍ଖ ଧ୍ରୁବଙ୍କ ଜଳ ଏ ପାଞ୍ଚ ବୋଲନ୍ତି ଅମ୍ବୁଜ ।
ଦେଶବଦେଶ ଶଙ୍ଖ ହସ୍ତିଭେଦରେ ବୋଲନ୍ତି ଅଛି କାମ୍ବୋଜ ।୧୧।
କାମ୍ବୋଜ ବୋଲି ନାଗରଙ୍ଗପାଦପେ ସୋମବଲ୍ଲେ ଅଭ୍ୟନ୍ତରେ ।
ଚିବୋଲି କରଜ କରଞ୍ଜିକୁ ନଖକୁ ବାସ୍ପଜ ଷଷ୍ଠିସ୍ମେ ଜଳେ ।୧୨।

ତରଞ୍ଜ ଶବ୍ଦ ତୈଳସବେ ହୁରଦାଫଳେ ଫେନରେ କହନ୍ତି ।
ଟିହୁଡ଼ା ବୋଲି ପାଙ୍କଶ ମାତୁଳଙ୍କେ ହୃମଡ଼ା ବାନ୍ଧି ପାଙ୍କଶ । ୧୩ ।
କାଶ୍ମୀରଜ ନାମ କହଇ କୁଙ୍କୁମ କୁଷ୍ଟ ଅନେକଷୋବୃକ୍ଷେ ।
ଜଗନ୍ୟକ ବୋଲି କନକଷ୍ଟେ କୁଷ୍ଠେ ଅଛି ଜଦକେ ପ୍ରତ୍ୟକ୍ଷେ ।୧୪
ଯମ ସ୍ୱଧର୍ମ୍ମିର ବୃଥ ଏ ଭଣନ୍ତି ବୋଲାନ୍ତି ଯେ ଧର୍ମରାଜ ।
ଭୃଙ୍ଗରାଜ ବୋଲି ମାର୍କବ ଭ୍ରମର ପକ୍ଷିବିଶେଷରେ ହେଜ । ୧୫ ।
ବୋଲାଇ ଯକ୍ଷରାଜ ଧନପତି ଯେ ମଣ୍ଡୀ ଚନକବନ୍ଧନ ।
ଭରଦ୍ୱାଜ ବୋଲି ମୁନିଏ ଅଛନ୍ତି ବ୍ୟାଘ୍ରାଟ ବିହଙ୍ଗ ପୁନଃ । ୧୬ ।
ରାଜରାଜ ସୁଧାକରଣ କୁବେର ରାଜରାଜ ଚକ୍ରବର୍ତ୍ତୀ ।
କ୍ଷୀରବର୍ଦ୍ଧିଜ ସିନ୍ଧୁଲବଣ ମୁକ୍ତା କ୍ଷୀରବୃଦ୍ଧିଜ ନିଶାପତି । ୧୭ ।

ଇତି ଜାନ୍ତ ।

ଙ୍ଗଙ୍ଗା ବୋଲି କହ ଧ୍ୱନିବିଶେଷକୁ ପୁଣି ପବନଭେଦକୁ ।
ଅମୃତକଣବର୍ଷଣଠାରେ ଦେଇ ପୁଣି ଙ୍ଗଙ୍ଗା ଶବଦକୁ । ୧ ।

ଇତି ଞାନ୍ତ ।

ଅଞ୍ଜା ବୋଲି ଅବଧାନକୁ ସନ୍ଦେଶେ ବଲୁଚଞ ପ୍ରଯୋଜନେ ।
ଫଞ୍ଜା ବୋଲନ୍ତି ନାମକ ଗାନ୍ଧର୍ବୀକ ରହପହ୍ଲିକ ଚେତନେ । ୧ ।
ଅଞ୍ଜ ବୋଲି ଜନ୍ତୁ ମୂର୍ଖକ ରାଜ୍ଞୀ ଯେ ବଳପତ୍ନୀ ସୂର୍ଯ୍ୟସ୍ତ୍ରୀଯା ।
କୁଞ୍ଜ କୁଞ୍ଜର ମର୍ଯ୍ୟାଦା ସଙ୍ଗଞ୍ଜ ଶିବ ବୃଥ ଜର ହେଜା । ୨ ।

ଇତି ଟାନ୍ତ ।

ଇଷ୍ଟ ବୋଲନ୍ତି ପୂଜିତକୁ ଶ୍ରେଷ୍ଠକୁ ଇଷ୍ଟ ଯାଗ ଅଭିଳାଷ ।
କଟ୍ଟ ଗଜଗଣ୍ଡ ଶ୍ରୋଣୀ କଟ୍ଟରସ ଲତାଭେଦ ଗାମ୍ଭୀର୍ଯ୍ୟ । ୧ ।
କୁଟ୍ଟ ଜପଟ୍ଟ ଗିରିଶୃଙ୍ଗ ବୋଲଇ କୁଟ୍ଟୀ ସୁରସଟ୍ଟ ଦାସ ।
କୋଟ୍ଟୀ ଅଛି ଧନୁଅଗ୍ର ରେ ଫକ୍ଷ୍ୟାରେ ଭୂଷିତ୍ରକ୍ଷେ ଜଟ୍ଟାଭୂଷ । ୨ ।
ଘୃଷ୍ଟ ବୋଲନ୍ତି ଘୃଟକୁ ଉଦରକୁ ଖାରମାନଙ୍କ ଅସ୍ଥନ ।
ପଟ୍ଟ ବୋଲି ଯେ ପିଅଳପାଦପକୁ ଚହପଟ୍ଟକୁ ବସନେ । ୩ ।

ଘଣ୍ଟ ଶବ୍ଦର କୁମ୍ଭ ଘଟ୍ଟ ବୋଲାନ୍ତି ଲଟ୍ଟକର ମୂଳ ବେଣି ।
ଦୃଷ୍ଟା ବୋଲି ଦେବଶିଳ୍ପିଙ୍କ ଶାସ୍ତ୍ରକୁ ଅଦିତ୍ୟକୁ ପୁଣ ଘେନି । ୪ ।
ଘନ୍ନ ବୋଲି ମାତ୍ରେଗକୁ ଚତୁରକୁ ପଟ୍ଟୋଳକୁ ଲବଣକୁ ।
ଦୃଷ୍ଟ ବୋଲି କମ୍ବଳକୁ ଡକ୍ଷଣକୁ ଦେବଗଣ ପାଷାଣକୁ । ୫ ।
ଯଷ୍ଟି ବୋଲନ୍ତି ଧ୍ୱଜକୁ ଲଗୁଡ଼କୁ ପୁଣି ଯଷ୍ଟି ଶସ୍ତ୍ରହାର ।
ଦଣ୍ଡ ବୋଲନ୍ତି ଯେ ଶିକ୍ଷଣ ଲବଣ ଶିଶ୍ରୁ ମୂଷିକ ଖଦିର । ୬ ।
ଦୃଷ୍ଟ ସୋମାହୃତ ବସ୍ତ୍ରିତ ହରଷ ଖୁଣ୍ଟ ଯେ ପ୍ରଫୁଲ୍ଲ ବ୍ୟକ୍ତ ।
ମୁକ୍ତ ଲଃଘଙ୍କ ପାଦପ୍ରୋଷ୍ଟ କର୍କଷ୍ଟୀଠାରେ ଖୁଣ୍ଟ ଶବ୍ଦ ବ୍ୟକ୍ତ । ୭ ।
ସୃଷ୍ଟି ବୋଲି ନିର୍ମିତକୁ ସ୍ୱଭାବକୁ ସ୍ରଷ୍ଟା ଯେ ଜଷ୍ଟା କେଶର ।
ବୃଷି ବୋଲି କୃପାଣକୁ ଅଶ୍ୱକୁ ନଷ୍ଟାବଷ୍ଟ ବୈଶ୍ୱାନର । ୮ ।
ଦୃଷ୍ଟି ବୋଲନ୍ତି ଲୋଚନକୁ ବୁଦ୍ଧିକୁ ଦୃଷ୍ଟି ବୋଲନ୍ତି ଦର୍ଶନେ ।
ଦୃଷ୍ଟି ବୋଲନ୍ତି ବଷହ ଘର୍ଷଣକୁ ଯାରେ ଯେତେ ଘଟ୍ଟ ଘନେ ।୯।
ଅବଟ୍ଟ ବୋଲନ୍ତି କୁହରକୁ ପୁଣି ଗର୍ତ୍ତ କୂପରେ ଅଛିଲେ ।
ଚର୍ଚ୍ଚଟ ବୋଲି ବଣି ପକ୍ଷିଭେଦରେ କୁଳୀର ଶ.କୁଳାଫଳେ । ୧୦ ।
ଅବଷ୍ଟ ବୋଲାଇ ଲସୁନ ଫେନିଳ କାକ ଜଙ୍ଘ ଷଣ୍ଢାସୁର ।
କୃକୁଟ ନିଷାଦ ତାମ୍ରଚୂଡ଼ ତୃଣ ଉଲ୍କା ଯେ ଶୂଦ୍ରକୁମର । ୧୧
ଚଳଟ୍ଟ ସଜଗଣ୍ଡ ଯେ ନିନ୍ଦ୍ୟଜୀବ କୁଙ୍କୁମ ଯେ ବାଦ୍ୟଭେଦ ।
ଆରଟ୍ଟ ସୂତକ ତୁରଙ୍ଗ ଚଷାଟ୍ଟ ଧ୍ରୁବ ପୁଣି ଦକ୍ଷବେଦ୍ୟ । ୧୨ ।
ନିକୁଟ୍ଟ ବୋଲନ୍ତି ସନ୍ନିଲବଣକୁ ନିକୁଟ୍ଟ ପର୍ବତାନ୍ତରେ ।
ନିଷ୍ଠା ଶବ୍ଦ ବ୍ରତଶ୍ରି ସୁଶ୍ରେଣିକାରେ ନିବୃତାରେ ମଞ୍ଜିକାରେ । ୧୩ ।
କଣ୍ଠାଟ୍ଟ ନାମ ଜାମ୍ବୁକ ତକ୍ଷକର ମର୍କଟ୍ଟ ଲତା ବାନର ।
ଧୈଳାଟ୍ଟ ବୋଲନ୍ତି ଦେବଦଳ ସିଂହ ଶୁକକାର ଯେ ଅଜର । ୧୪ ।
ପଚ୍ଚୋଦ୍ଧିଣୀପୁତ୍ର ଯେ କାମୁକ ଦାସୀ ତନ କୁଣ୍ଡଳଟ୍ଟ ।
ପିସୁ ବର୍‌ମକୁ ବେଶ୍ୟାକୁ ସମସ୍ତେ ବୋଲନ୍ତି ଯେ କାମକଟ୍ଟ ।୧୫।

ପରପୁଷ୍ଟ ପରଭୃତ କାରନାସ୍ତି ଚିପିବଷ୍ଟ ଖଳ ଖଗ ।
ଦଶନ ଦଷ୍ଟ କୋଲ୍ଲଇ ଯେ ନିଶ୍ବାସ ଅନ୍ତର ଅଧରରୁମ୍ଭ । ୧୬ ।

ଇତି ଟାନ୍ତ ।

କଣ୍ଠ ବୋଲନ୍ତି ଗଳାକୁ ସ୍ବସ୍ବରକୁ କଣ୍ଠ ସ୍ନେ କର୍ମଣ୍ୟ ମୁଖୀ ।
ଜ୍ୟେଷ୍ଠ ବୋଲକର ଶ୍ରେଷ୍ଠେ ଅତିବୃଦ୍ଧେ ମାସାନ୍ତରେ ପୁଣି ଲେଖି ॥
ଜ୍ୟେଷ୍ଠା କୋଲଇ ପଲ୍ଲୀ ଏକ ନକ୍ଷତ୍ର ଷଷ୍ଠୀ ତିଥି ଜ୍ୟୋତ୍ସ୍ନା ।
ଦାରୁହରିଦ୍ରାକୁ ମାନ ପ୍ରକର୍ଷକୁ କାଳେ ଦରେ କାଷ୍ଠା ଘେନ । ୨ ।
ଶଠ ବୋଲନ୍ତି ଯେ ମଧ୍ୟସ୍ଥ ପୁରୁଷ ଧୂର୍ତ୍ତ ଧୂସର ସହିତେ ।
କଣ୍ଠ କାମନକୁ ଅଯୁଥ ଗୋଷ୍ଠି ଯେ ସଭ୍ୟ ସଂଳାପ ସ୍ଥଗତେ । ୩ ।
କମଠ କଚ୍ଛପ ଭାଣ୍ଡଭେଦେ ଅଛି କର୍ମଠ ଚିତ୍ତ ଦୃଢ଼କ ।
କରସ୍ଥ ମରଚ ତାମ୍ରକୁ ବୋଲନ୍ତି ବୈକୁଣ୍ଠ କୃଷ୍ଣ ଯେ ଶଠ । ୪ ।
ଜରଠ କର୍କଶ ପାଣ୍ଡୁରେ କହନ୍ତି ଧୂର୍ତ୍ତକୁ କହନ୍ତି ପୁଣି ।
କଳଧ୍ୱନି ହଂସେ ପାରାବତେ ପିକେ କଳକଣ୍ଠ ବୋଲି ଗଣି । ୫ ।
ଚଟକ ମୟୂର ଖଞ୍ଜନ ମହେଶ ଦାତ୍ୟୂହ ଯେ ନୀଳକଣ୍ଠ ।
ଜମ୍ବୀର କପିତ୍ଥ ନାରଙ୍ଗ ଭୁରଞ୍ଜ ଏ ସ୍ବରହେଁ ଦନ୍ତଶଠ । ୬ ।
କାଳପୃଷ୍ଠ କହି କଙ୍କବହଙ୍ଗକୁ ପୁଣି କର୍ଣ୍ଣ ଶରାସନେ ।
ପୃତକଣ୍ଠ ବୋଲି ବକ କପୋତକୁ ପୁଣି ପ୍ରକାଶ ଖଞ୍ଜନେ । ୭ ।
ଧାରକଣ୍ଠ କହି ହାରଯୁକ୍ତଗଳେ ହରକଣ୍ଠ ବନପ୍ରିୟେ ।
ପୂତକାଷ୍ଠ ବୋଲି ସରଳତରୁକୁ ଦେବଦାରୁବୃକ୍ଷେ କହେ । ୮ ।

ଇତି ଠାନ୍ତ ।

କାଣ୍ଡ ତରୁସ୍କନ୍ଧ ଦଣ୍ଡ ସ୍ତମ୍ଭ ହସ୍ତଭେଦ ଭଗ ଶର ନୀର ।
କୁଣ୍ଡ ଅଗ୍ନାଳୟ ଦେବଜଳାଶୟ ଜାରଜାତକ କୁମର । ୧ ।
କୁଣ୍ଡୀ ନଦୀ କମଣ୍ଡଳୁ ଯେ କୋଲ୍ଲଇ ଶ୍ୱେତ ନା ଧ୍ୱନିବିଶେଷ ।
କ୍ଷେଡ଼ା କୁଟିଳ ଲୋହିତବର୍ଣ୍ଣ ବଷ ଶଳାକା ଯେ ସିଂହଘୋଷ । ୨ ।
କ୍ରୋଡ଼ ଶିରକ୍ରୋଡ଼ ପାଦପ ଅଙ୍କ କ୍ରୋଡ଼ ଉତ୍ସଙ୍ଗ କସହେ ।
ଖଣ୍ଡ ବୋଲି ଇକ୍ଷୁବିକାରେ ସକଳେ ମଣି ଦୋଷେ ପୁଣି କହେ । ୩

ଗଣ୍ଡ ଗଣ୍ଡକ ଛନ୍ଦ ଯୋଗ ପ୍ରଭେଦ କପୋଳ ହସ୍ତ ଭୂଷଣ ।
ଜନ୍ମସ୍ଥାନ ଚନ୍ଦ୍ରକୁ ପୁଣି ଯେ ଗଣ୍ଡ ବୋଲି କର ଜ୍ଞାଣ । ୪ ।
ଗୁଡ଼ ଗୋଳକ ମତ୍ତଗଜ ସନ୍ନଦ୍ଧ ଗୁଡ଼ ଯେ ଇକ୍ଷୁବିକାର ।
ଗଣ୍ଡ ମୀନ ଦୁର୍ଗ ଗଣ୍ଡାନାଭି ବୃଦ୍ଧ ପାମର ଜାତିଭେଦର । ୫ ।
ଚଣ୍ଡ ତନ୍ତ୍ରଡ଼ୀ ତୀକ୍ଷଣ ଦୈତ୍ୟଭେଦେ ଚଣ୍ଡ ଯମ ପରିଜନେ ।
ଦଣ୍ଡ ଲଗୁଡ଼ ପ୍ରକାଣ୍ଡ ବ୍ୟୂହ ଭେଦ କାଳ ମଥନ ଯେ ସୈନ୍ୟ ।୬।
ଚଣ୍ଡୀ କାତ୍ୟାୟନୀ କୋପବଶୀନାରୀ ପାଣ୍ଡୁ ନୃପ ରୋଗଭେଦ ।
ଷଣ୍ଡ କ୍ଳୀବ ଧୀର ନୃତ୍ୟରଙ୍ଗେ ପାଣ୍ଡେ ପ୍ରବର୍ତ୍ତିଲ ଖଣ୍ଡପଦ । ୭ ।
ମୁଣ୍ଡ ସପ୍ତଗଡ଼ ମୂର୍ଦ୍ଧା ମୁଣ୍ଡିତ ମୁଣ୍ଡ ଅଛି ଦୈତ୍ୟାଳୟରେ ।
ଷଣ୍ଡ ବୋଲନ୍ତି ଯେ ପଦ୍ମସମୂହକୁ ଷଣ୍ଡ ଗାଢ ଗୋ ପତିରେ । ୮ ।
ବ୍ୟାଘ୍ର ହଂସପକ୍ଷୀ ସର୍ପ ପଣ୍ଡିତା ଯେ ଅଥବା ମୂଷିକପଣ୍ଡୀ ।
ବଡ଼ ଗଦଗ୍ଧ ଦେହମାଂସ ସିହ୍ଲକ ପିଣ୍ଡ ବୋଲି କହ ଯେଉଁ । ୯ ।
କୁଷ୍ମାଣ୍ଡ ମାଷ୍ଟ ସ୍ତ୍ରୀ ଗର୍ଭାରୁ କୋଦଣ୍ଡ ଧନୁ ଭ୍ରୂ ଭୂଷଣ ସ୍ୱତ ।
ଦନ୍ତ ଦେଶଭେଦ ମୁଖ ଯେ ଗାରଡ଼ ବଷ ମନ୍ତ୍ର ମରକତ । ୧୦ ।
ତନ୍ତ୍ରଡ଼ୀ ଦ୍ରୁମ ଛଷାବୃକ୍ଷ ନିର୍ଗୁଣ୍ଡୀ ଶେଫାଳିକା ସିନ୍ଧୁବାର ।
ପ୍ରଚଣ୍ଡ ବୋଲି ଦୁର୍ବହ ପ୍ରତାପକୁ ପୁଣି ଶ୍ୱେତକରବୀର । ୧୧ ।
ମାର୍ତ୍ତଣ୍ଡ କ୍ରୋଡ଼ ଆଦିତ୍ୟ ଭୁଜଙ୍ଗ ଯେ ମାର୍ଗ ବ୍ୟୋମସ୍ଥ ମଣ୍ଡଳ ।
କରଣ୍ଡ ଶଙ୍ଖ ଶାରିକା ମୃକଶାଖୀ ଅସ୍ତ୍ରକୁ ପ୍ରକାଣ୍ଡ ଜଳ । ୧୨ ।
ରତ୍ନବାଡ଼ ବୋଲି ଦମଣ୍ଡଳୁ ରତ୍ନବାଡ଼ ଲୋକାଲୋକ ଗିରି !
ଦେବତାଡ଼ ବୋଲି ବହ୍ନି ହୁତାଶନେ ଦେବତାଡ଼ ଖରଖସ । ୧୩ ।

ଇତି ଡ଼ାନ୍ତ ।

ଦୃଢ଼ ବୋଲି ସ୍ଥୂଳେ ନିତାନ୍ତେ ପ୍ରଗାଢ଼େ ଦୃଢ଼ ପୁଣି ବଳବନ୍ତ ।
ଷୋଢ଼ା ଷୋଡ଼ଶୀ ତ୍ରିଯାମା ଗୂଢ଼ ବୋଲି ଗହ୍ୱର ହସ୍ତରେ ଉକ୍ତ ।୧।
ମୂଢ଼ ମୂର୍ଖ ବାଳସ୍ୱତ ଶୁଷ୍କଶୋଭ ବାଢ଼ ପ୍ରତିଜ୍ଞା ଯେ ଦୃଢ଼ ।
ବ୍ୟୂଢ଼ ପୃଥୁଳ ସମୂହକୁ ବୋଲନ୍ତି ମୁଦ ନ ଘନ ପ୍ରଜ୍ୱିଢ଼ । ୨ ।

ଭ୍ରମ ଚନ୍ଦ୍ର ମାସ ମଳୟ ପର୍ବତ ପୂର୍ଣ୍ଣିମା ଏତେ ଅଷାଢ଼ ।
ବରୂଢ଼ ବୋଲି ଅଙ୍କୁରିତ ଜାତକୁ ଗର୍ହିତ ଗୁପ୍ତ ବଗୂଢ଼ ।୩।

ଣତ ଢାଳ

ଅଣୁ ବ୍ରୀହିଭେଦେ ସୂକ୍ଷ୍ମେ କହି ବଂଶୀ ବଂଶ ନୃପ ଏକ ବେଣୁ ।
କଣା ପିପ୍ପଳୀ କ୍ଷୀରକ ମକ୍ଷିକା ଯେ କୃମୀରରେ ପୁଣି ଜାଣୁ ।୧।
କଣ ଲବ ଧାନ୍ୟ ଅଂଶକୁ ବୋଲନ୍ତି କାଣ କାକ ଏକନେତ୍ର ।
ପ୍ରାଣ ବୋଲନ୍ତି ସ୍ୱେଲ ଜଳ ଅନଳ ଜୀବ ଦେହସ୍ଥି ମାରୁତ ।୨।
ଦ୍ରୋଣ କାକଭେଦେ ଦ୍ରୋଣ ଆଚାର୍ଯ୍ୟ ଯେ ବାଣ ବଳିସୁତ ଶର ।
ବାଣା ବସ୍ତ୍ରମୂଲ୍ୟ ଗାଳାହିଣ୍ଡି କ୍ଷଣ ଶିବସୈନ୍ୟ ଯେ ଛଳର ।୩।
ଗୁଣ ସିଞ୍ଜିନୀ ବିବେକ ପ୍ରଧାନ ଯେ ଘଣା କଣ୍ଟକୀ ବହୂ୍ୟତ ।
ରଣ କ୍ୱଣ କ୍ୱଣ ସମର ଭ୍ରୂଣ ଯେ ଶିଶୁ ଗର୍ଭ ଏ ବୋଲାନ୍ତି ।୪।
ବେଣୀ କେଶବେଶ ନଦ୍ୟନ୍ତରେ ପୁଣି ଖଗଖଗ ପାଦପରେ ।
ଶ୍ରେଣୀ ପଂକ୍ତି ଶିଳ୍ପୀ ମଣି ବୋଲନ୍ତି ଯେ ମୁକ୍ତା ଆଦ ନୃପାଳରେ ।
ଦ୍ରୋଣୀ କାଂସ୍ୟାମ୍ବୁବାହିନୀ ଗୁରୁସୁତ ବାଣୀ ଭାରତୀ ସରସ୍ୱତୀ ।
କର୍ଣ୍ଣ ରବିସୁତ ଶ୍ରୁତିକି କହନ୍ତି ବର୍ଣ୍ଣ ଲିପି ଜାତି କାନ୍ତି ।୬।
କୃଷ୍ଣ ବୋଲନ୍ତି ଶ୍ୟାମବର୍ଣ୍ଣ ଅର୍ଜୁନ ନାଥ ବିଷ୍ଣୁ ବ୍ୟାସସୁତ ।
କୃଷ୍ଣା ଦ୍ରୌପଦୀ କୃଷ୍ଣା ଦ୍ରାକ୍ଷା ନୀଳୀବର୍ଣ୍ଣ ଯେ ଜନ ଉକ୍ଷିପ୍ତ ।୭।
ତୀକ୍ଷ୍ଣ ସମୁଦ୍ରଲବଣ ଶେଷ ଲୋହ ବିଷ୍ଟ ଉଷ୍ଣ ଯେ ପଦାର୍ଥ ।
ବୃଷ୍ଣି ଯାଦବ ପାଷାଣ୍ଡ ଚଣ୍ଡ ମେଷ ବୃଷଠାରେ ହୋଏ ଅର୍ଥ ।୮।
ଅରୁଣ ବୋଲାଇ ସୂର୍ଯ୍ୟ ସାରଥି ଯେ ରକ୍ତବର୍ଣ୍ଣ ଅସ୍ଫୁର ।
କୃପଣ କୃର୍ମ କୃଷି ତକୁ ବୋଲନ୍ତି କୃପାଣ ଖଡ୍ଗ ଛୁରୀ ।୯।
କାରଣ ହେତୁ କର୍ମକର୍ତ୍ତା କାଦମ୍ବ ଦକ୍ଷି ଅଦ ଏ କରଣ ।
ଅରୁଣା ବୋଲଣ ଜିଦଷା ମଞ୍ଜିଷ୍ଠା ନିବୃତା ଶ୍ୟାମକୁ ଘଣ ।୧୦।
ତରଣି ଭାନୁ କୁମାରୀ ନାବ ନାମ କରୁଣା କୃପାଦ୍ରବେଦ ।
ପ୍ରକାର ବେଷ୍ଟନ କନ୍ୟାବରଣେ ପ୍ରତିଭ ବରଣ ଶବ୍ଦ ।୧୧।

ବରୁଣ ଜଳେଶାଦ ପାଶୀ ବାରୁଣୀ ପଶ୍ଚିମ ଯେ ସୁରା ଦୂର୍ବା ।
ପାନ୍ଥୋଳ ମୂଳେ ବଷ୍ଟିରେ ବହ୍ନିଗଣେର ଭମଣ ପଦ ଘେନବା । ୧୨ ।
ଲକ୍ଷ୍ମଣ ଜନକ ସମଭ୍ରାତା କୁରୁସଙ୍ଗତ ସୁଲକ୍ଷଣ ।
ଲକ୍ଷଣ ସାମ୍ୟ ମତେନାହାଷ୍ଟ ଲକ୍ଷ୍ମଣା ବୋଲି ଦଶଟକୁ ଅଣ । ୧୩ ।
ଶ୍ରବଣ ବୋଲନ୍ତି କର୍ଣ୍ଣ ନକ୍ଷତ୍ରକୁ ଶ୍ରାବଣପାଷଣ୍ଡ ମାସ ।
ଶ୍ରାପର୍ଣ୍ଣୀ ବୋଲି କାଶ୍ମୀର ଅଗ୍ନିମନ୍ଥ ସଦ୍ କୁମ୍ଭିକାକୁ ଲକ୍ଷ । ୧୪ ।
ଏ'ହଣ ସୁଷ୍ଟସାନ୍ତରେ ସୁପଣ୍ଡିତେ ସରଣୀ ଯେ ମାର୍ଗ ପଂକ୍ତି ।
ସୁଷେଣ ବୋଲନ୍ତି କରମର୍ଦ୍ଦକରୁ କେଶବ ସୁଗ୍ରୀବମନ୍ତ୍ରୀ । ୧୫ ।
ସୁପର୍ଣ୍ଣ କହି ସ୍ୱର୍ଣ୍ଣଚୂଡେ ଗରୁଡେ କୃତମାଳପାଦପକୁ ।
ହରଣୀ ବୋଲି ହରଣୀକ ମୃଗୀକ ଜମ୍ବୁନଦ ସତମକୁ । ୧୬ ।
ସୁଦେଷ୍ଣା ଅପ୍ସରୁ ବରାଙ୍ଗନମଣୀ ମୃଗ ପାଣ୍ଡୁର ହରଣ ।
ଧୂଙ୍ଗ ଗିରଧୂଙ୍ଗ ଅକ୍ଷସିନ୍ଧ କ୍ଷୀରକାକୋଲି ନାଗ ବଷାଣ । ୧୭ ।
ବ୍ରାହ୍ମଣୀ ଦ୍ୱିଜପତ୍ନୀ ସ୍ୱର୍ଗୀ ଭୂଦେବ ଦେବଜ୍ଞ ଯେ ବ୍ରାହ୍ମଣ ।
ସିନ୍ଧୁ ସୈନ୍ଧବ ଦୈତ୍ୟଭେଦ ସହିତେ ଭେଦରେ ଅଛି ଲବଣ ।୧୮।
ଦଣ୍ଡ ଅଶ୍ୱୀରୁ ନାରାୟଣ ଅସୁର ମହାଦେବ ବଇହାଣ ।
ରକ୍ତରେଣୁ ବୋଲି ପଲାଶକଢ଼ୀକି ସିନ୍ଦୂରରଜକୁ ପୁଣ । ୧୯ ।
ଚୂଡ଼ାମଣି ବୋଲି ଶିରୋରତନକୁ ପୁଣି କାକଚଞ୍ଚାଫଳେ ।
ଅମ୍ବିକା ଅଧ ନକ୍ଷତ୍ର କୁ ଦୁର୍ଗାଙ୍କୁ ଦାକ୍ଷାୟଣୀ ବୋଲି ବୋଲେ । ୨୦ ।
ତୈଳପର୍ଣ୍ଣୀ ଶିଉ ମଳୟଜେ ସିହ୍ଲା କରେ ଶ୍ରୀବାସେ ସ୍ରବନ୍ତି ।
ନିର୍ଝରଣୀ ହୈମାବତୀ ନାଗଉଚ୍ଚ ପୁଣି ନଈତା ସ୍ରବନ୍ତି । ୨୧ ।

ଇତି ଣାନ୍ତ ।

ରତ ବୋଲି ତୁଳ ସଂଖ୍ୟାକୁ ମଦନବନ୍ଧଗୀତ ସୁରତଇ ।
ରତ ଅନୁରାଗ ପ୍ରୀତ ରତ ବୋଲି ସୁରତ ଗୁହ୍ୟ ହୁହଲି । ୧ ।
ଖଣ୍ଡ ଲବଣ ଧୂସର ବଟ ଏହି ଜନହେଁ ବୋଲନ୍ତି ଧୂତ ।
ଚନ୍ଦ୍ରମଣି ସୂର୍ଯ୍ୟମଣି ପ୍ରାଣନାଥ ସ୍ନେହ ଘେନ ଏତେ କାନ୍ତ । ୨ ।

କାନ୍ତ ବୋଲନ୍ତି ପତିଅଙ୍ଗ ନାସ୍ତି ଯେ ପ୍ରସାଦ ଯଶ ଏ କୀର୍ତ୍ତି ।
ଷିତ ନିବାସ ସେ ଷିତ ଷସ୍ୟ ନାମ କାଳଭେଦେ ଅଛି ଷିତ । ୩ ।
କେତୁ ଯଜ୍ଞ ମୂଳ କାନ୍ତ ଶୋଭା ରୁଚ କେତୁ ଯେ ପତାକା ସ୍ମୃତ ।
କୃତ କରଣ ହିଂସା ଚର୍ମ କୃତ୍ତିକାତାରା କ୍ଷେତ୍ରେ କୃତ କହ । ୪ ।
ସ୍ତୁପ୍ତି ବଚନ କାବ୍ୟସ୍ତୁତ ଗମନ ଜ୍ଞାନପଥ ତନ୍ତ୍ର ପନ୍ତ ।
ଧୃତ ଜଳ ଅଜ୍ଞ୍ୟ ସୁମନା ସରୋଜ ଜନ୍ମ ଜନ ନାମ ଜାତ । ୫ ।
ଧାତା ବିଧାତା ପାଳକ ତ୍ରେତାଯୁଗ ନାମ ଅଗ୍ନି ଜନ୍ମ ହୋଇ ।
ଦନ୍ତ ଶୃଙ୍ଗ କୁଞ୍ଜ ଦଶନ ଏ ତିନି ଦନ୍ତୀ ଗିରି ଗଜେ କହି । ୬ ।
ଦାନ୍ତ ଦର୍ଶିତ କ୍ଲେଶ ସହ ଧୀର ଯେ ଖଣ୍ଡନ ଦୈତ୍ୟଜନନୀ ।
ସାଗ୍ନି ଦୀକ୍ଷିତ ଦଗ୍ଧ ଜ୍ୱଳନ୍ତ ଯେ ଦ୍ୱିଜ ଶୋଭା ବହ୍ନି ଘେନି । ୭ ।
ଧାତୁ ଦସ୍ତୁ ଶବ୍ଦ ଯୋନି ଗୈରିକ ମନଃଶିଳାଦି ସହିତ ।
ପ୍ରୀତ ନୃଗାନ୍ତରେ ମୋଦକୁ କହନ୍ତି ସୁରପତ୍ନୀ ନାମ ଭକ୍ତ । ୮ ।
ପତି କହି ସାମନ୍ତକୁ ବଲ୍ଲଭକୁ ପତି ବୋଲଇ ପଦାତି ।
ଜାତି ଜୁତ୍ୟ ଭସ୍ମ ଦୁହିଙ୍କେ କହନ୍ତି ଭୂତ ଯେ ଭସ୍ମ ସମ୍ପତ୍ତି । ୯ ।
ଭୂତ ବୃତ୍ତି ଅଦ ସର୍ବ ଜନ୍ତୁ ଭୂତ ପିଶାଚାଦିଗଣ ଭୂତ ।
ମୁକ୍ତ ମୋଚନ ମୋକ୍ଷକୁ ବୋଲି ମୋକ୍ଷମୋଚନ ବୋଲନ୍ତି ମୁକ୍ତ ।୧୦
ଭକ୍ତ ଈଶ୍ୱର ସେବାକୁ ବୋଲି ଭକ୍ତି କଲା ଜନ ଅନ୍ନ ଭକ୍ତ ।
ପୋତ ବୋଲନ୍ତି ଶିଶୁକୁ ବହିତ୍ରକୁ ରସ ସୁଗନ୍ଧ ଏ ତିକ୍ତ । ୧୧ ।
ଲତା କସ୍ତୁରୀ ପ୍ରିୟଙ୍ଗୁ ଜ୍ୟୋତିଷ୍ମତୀ ଦୁର୍ବା ମାଧବୀ କସ୍ତୁରୀ ।
ସାତ ସ୍ୱରୂପଦ୍ଧିତ ଶ୍ରୁତ କର୍ଣ୍ଣ ବେଦ ଶକ୍ତି ଶସ୍ତ୍ର ଶୌର୍ଯ୍ୟ । ୧୨ ।
ସୀତା ବୋଲନ୍ତି ଶର୍କରା ଗଙ୍ଗା ସ୍ୱର୍ଗବଧ୍ୟା ଲାଙ୍ଗଳପଦ୍ଧତି ।
ସୂତ ପୁତ୍ର ବୁଧଙ୍କର ଯେ ପାରଦ ମୁନିପ୍ରଭେଦ ସାରଥି । ୧୩ ।
ଶୀତ ହିମଗୁଣ ଶୀତଳ ଅଳସ ଧବଳ ଶ୍ୟାମଳ ଶୀତ ।
ଶ୍ୱେତ ଶୁକ୍ଳବର୍ଣ୍ଣ ପୁଣି ଦ୍ୱୀପଭେଦ ଅଦ୍ରିଭେଦରେ ଅଛିତ । ୧୪ ।
ବୃତ୍ତ ସମସ୍ତ ଅରନ୍ଧ ଶୁକ୍ତି ଶଙ୍ଖ ନଖ ଯେ ମୁକ୍ତାସ୍ଫୋଟ ।

ଲେଖା ଲେଖନେ ତିଳକେ ଅଭ୍ୟନ୍ତରେ ବସ୍ତେ ଚନ୍ଦ୍ର ଶବ୍ଦ ଷିଚ୍ଛ ।୧୫
ଚନ୍ଦ୍ରା ଅଶ୍ୱପର୍ଣ୍ଣୀ ସୁଭଦ୍ରା ଗୋଦୁଗ୍ଧା ଚନ୍ଦ୍ରାନକ୍ଷତ୍ର ଗଣନେ ।
ଧାତ୍ରୀ ମାତା ଉପମାତା ଆମଳକୀ ପୃଥ୍ୱୀକି କହନ୍ତି ଜନେ । ୧୬ ।
ଛତ୍ର ଶିଳୀନ୍ଧ୍ର ଆତପତ୍ର ବୋଲାଇ ଲୋକ ସଂଯୋଗ ଶିକ୍ଷସ୍ୱ ।
ନେତ୍ର ବସ୍ତ୍ରଭେଦ ରଥ ଯେ ନୟନ ମିତ୍ର ଯେ ସୁହୃଦ ହର । ୧୭ ।
ଅମୃତ କହ ଯଜ୍ଞଶେଷେ ପୀୟୂଷେ ସଲିଳେ ଘୃତେ ଅଶ୍ୱର ।
ଅମୃତ କହ ଅଯାଚିତେ ଅମୃତ ମୋକ୍ଷଦେବ ଧନ୍ୱନ୍ତରୀ । ୧୮ ।
ଅମୃତା ପଥ୍ୟା ଆମଳକୀ ଗୁଡୁଚୀ ଅମୃତା ଯେ ଭୃଷ୍ଟାତକ ।
ଅନନ୍ତଶବ୍ଦ ଅପ୍ରମେୟ ଆକାଶ ଶ୍ରୀହରି ନାଗନାୟକ । ୧୯ ।
କିରାତ ଲୁଣ୍ଠନ ମ୍ଲେଚ୍ଛଜାତିଭେଦ ଲୁଣ୍ଠିତ ନେତ୍ର ପର୍ବତ ।
ଜଗତୀ ଅଛି ଛନ୍ଦଭେଦ ଜଗତ ଜନ ଅବନୀ ଜଗତ । ୨୦ ।
ଜୀମୂତ କହ ଗିରି ଜଳଧରକୁ ପୁଣି ଯେ ଖଗଖସ୍ୱକ ।
ସମ୍ଭୃତ ପ୍ରସ୍ତାର କୁଙ୍କୁମ ତନୟ ଜଘନ ଅର୍ଦ୍ଧାଙ୍ଗିଳକ । ୨୧ ।
ଗୋପତି ବୋଲନ୍ତି ନୃପତି ଈଶ୍ୱର ବୃଷଭ ଯେ ଶିବପହ୍ନୀ ।
ଜୟନ୍ତ ବୋଲନ୍ତି ଭୀମ ଇନ୍ଦ୍ରପୁତ୍ର ଜମ୍ବୁବୃକ୍ଷ କାକଁ ଘେନ । ୨୨ ।
ପଙ୍କତ ଶୈଳଜ କର୍ଦ୍ଦମ ତାପ ଯେ ସର୍ପର ବାଳ ଗଳିତ ।
ଦେଖ ମୁନି ଅନ୍ଧ ମସ୍ୟଭେଦ ବୃକ୍ଷ ଶିକ୍ଷସ୍ୱ ନାମ ପର୍ବତ । ୨୩ ।
ସବୃତ୍ତି ବୋଲି ସବୃତ୍ତି ଯେ ଭବନେ ପ୍ରବାହେ ମଳ ଉପବର୍ଗ ।
ପ୍ରକୃତି ବୋଲି ମାୟାକୁ ରତିପତ୍ନୀ ପିଣ୍ଡକ ଯେ କବିବର୍ଗେ । ୨୪ ।
ପାର୍ବତୀ ବୋଲନ୍ତି ଅମ୍ବିକା ଗୋପାଳପୁତ୍ରିକାଭେଦରେ ଘେନ ।
ଭାରତୀ ବୋଲି ବଚନ ସରସ୍ୱତୀ ପକ୍ଷିଭେଦରେ ଯେ ମାନ । ୨୫ ।
ଭରତ କହ ନାଟ୍ୟଶାସ୍ତ୍ର ଭେଦରେ ସମାନୁଜେ ଦେଶାନ୍ତରେ ।
ରୈବତ ସଞ୍ଜା ରୈବତ ଗିରିରେ ଯେ ରୈବତ କହ ଶଙ୍କରେ । ୨୬ ।
ରେବତୀ ମାତୃଭେଦେ ପ୍ରାନ୍ତତାରକା ହଳଧରମନୋହାରୀ ।
ସୈହତ ବିଜୁ ଇନ୍ଦ୍ରଧନୁ କୁଙ୍କୁମ ଦୁରନ୍ତ ପାନ ଚମସ୍ୱ । ୨୭ ।

ବାସନ୍ତ ବୋଲାନ୍ତି ପାଟଳୀ ଯୂଥିକା ମାଧବୀ ଯେ ନବମେଲିକ ।
ବାସନ୍ତୀ ବଡ଼ ବନ୍ଧୁମଲ୍ଲୁ ବୋଲନ୍ତି ବାସନ୍ତୀ ବୋଲାଇ ପିକ । ୨୮ ।
ଶ୍ରୀପତି ଶ୍ରୀହର ନନ୍ଦନ ଶୁଦ୍ଧାନ୍ତଃପୁର ମଧ୍ୟ କକ୍ଷାନ୍ତର ।
ସଂବର୍ତ୍ତପ୍ରଲୟକାଳ କହିଛନ୍ତି ଅଛି ଏକ ଭୂନବର ।
ରଜତ ଶୁଭ୍ର ହାର ରୌପ୍ୟ ବୋଲାଇ ମରୁତ ଦେବତା ବାତ ।
ଘାତକୁ ନରକାନ୍ତକକୁ ମିଶକୁ ବୃନ୍ଦକୁ କହ ସଂଘାତ । ୩୦ ।
ସନ୍ତତ ଧ୍ୱାଂକ୍ଷପଂକ୍ତି ପ୍ରଭୃ ମହତୀ ବନ୍ଧୁଙ୍କ ସମୁଦ୍ରସ୍ନାନ ।
ସଙ୍ଗତ ଜନସ୍ଥ ଧ୍ୱନିକ ବୋଲନ୍ତି ସଂଗତ ସଂଗମ ସ୍ଥାନ । ୩୧ ।
ସୁଗାତ୍ର ଶୌଣ୍ଡ ଧ୍ୱ ବମାତା ସୁକୃତ ମଙ୍ଗଳ ସତ୍ୟବଚନ ।
ହସନ୍ତୀଅଙ୍ଗାରଧାନୀ ମଲ୍ଲିକା ଯେ ଶାକଟୀ ନାମ ପ୍ରମାଣ । ୩୨ ।
ହାସ୍ୟତ ମୁନିଭେଦ ପକ୍ଷୀଭେଦ ଯେ ହାସ୍ୟତ ପୁଣି କୈତବ ।
ହରିତ ଦଗ ପୁଣି ବର୍ଣ୍ଣ ହରିତ ଦୂର୍ବାବନକୁ ସେନ୍ଦବ । ୩୩ ।
ଐରାବତ ଅଛି ମାତଙ୍ଗ ନାରଙ୍ଗ ଲକୁଚ ନାଗ ପ୍ରଭେଦ ।
ବୃତ୍ରଦର୍ପ ଇନ୍ଦ୍ରଧନୁ ଐରାବତ ସୌଦାମିନୀଙ୍କ ଯେ ଦବ । ୩୪ ।
ଗନ୍ଧବତୀ ପୃଥ୍ୱୀ ଏକ ସୁରୁ ବ୍ୟାସମାତା ସୁତା ନାମ ଜାଣ ।
କୁଷ୍ଟ ଋତୁ ଶବ୍ଦ ପିକ ଆଳାପରେ ସ୍ୱରଧ୍ୱନିରେ ଆଣ । ୩୫ ।
ଚନ୍ଦ୍ରକାନ୍ତ ଚନ୍ଦ୍ରମଣି କଇରବ ପଦ୍ମ ଦଳ ଦ୍ରାକ୍ଷାପଦ୍ମ ।
ପୁଷ୍ପବନ୍ତ ଅଛି ବିଦ୍ୟାଧର ଭେଦେ ଦଗଦନ୍ତୀ ପୁଷ୍ପବନ୍ତ । ୩୬ ।
ଭୋଗବତୀ ଧନ ହରିପୁର ନାମ ଲକ୍ଷ୍ମୀପତି ନୃପ ହର ।
ହୈମବତୀ ସ୍ୱର୍ଣ୍ଣଗିରି ହରିତଙ୍କୀ ଶ୍ୱେତବର ଗଙ୍ଗା ଗୌରୀ । ୩୭ ।
ବସନ୍ତଦୂତ ଚୂତ ପିକ ପଞ୍ଚମସ୍ୱରକୁ ଜନେ କହନ୍ତି ।
ପାଟଳୀବୃକ୍ଷ ମାଧବୀ ଲତା ଦୁହେଁ ପ୍ରମାଣ ବସନ୍ତଦୂତୀ । ୩୮ ।
ମୂର୍ଦ୍ଧାଭିଷିକ୍ତ ଶଚିବ ଯେ କ୍ଷତ୍ରିୟ ମନ୍ତ୍ରୀପଣରେ ପ୍ରସିଦ୍ଧି ।
ସମୁଦ୍ର-ନବନୀତ ସର୍ବମତରେ ପୀୟୁଷ ଯେ ଚନ୍ଦ୍ରାଣ୍ଡ । ୩୯ ।

ଇତି ତାନ୍ତ ।

ଅର୍ଥ ନାନାର୍ଥ ଧନ କନ୍ଥା ମୃଣ୍ମୟ ଖ୍ୟାତ ପ୍ରାବରଣାନ୍ତର ।
ଗ୍ରନ୍ଥ ପୁସ୍ତକ ଦ୍ରବ୍ୟ ରଥ ସ୍ୟନ୍ଦନ ବେତସ ଯେ କଳେବର । ୧ ।
ବନ୍ଧନ ଛନ୍ଦଗ୍ରନ୍ଥ ପାର୍ଷ୍ଣି ପଙ୍କ ଏ ଗ୍ରନ୍ଥ ବୋଲାନ୍ତି ସ୍ୱଭାବେ ।
ଜୋଥ ନେଳବେଗ ସଙ୍କ ଗାଥା ଯେ ଶ୍ଳୋକ ଭାଷାନ୍ତେ ସମ୍ଭବେ । ୨ ।
ପୃଥୁ ପୀନକପଦ୍ମ କୃଷ୍ଣଜୀରା ଯେ ଅଗ୍ନି ଏକ ନରେଶ୍ୱର ।
ପ୍ରୋଥା ହସ୍ତଘୋଷ ଦନ୍ତୀମଧ୍ୟ ମନ୍ଥ ମନ୍ଥନ ଯେ ଦିବାକର । ୩ ।
ପାଥଅର୍କ ଅଗ୍ନି ଜଳସିକ୍ଥ ବୋଲି ନ୍ୟୁଚ୍ଛିଷ୍ଟକୁ ଅଜ୍ଞକୁ ।
ବଧ୍ର ସ୍ୱହାଙ୍ଗଫଂଲ୍ରି ଗନ୍ଥ ବୋଲାନ୍ତି ମୀନଭେଦକୁ ସାନ୍ଦ୍ରକୁ । ୪ ।
ଅତିଥି ବୋଲି ଅଭ୍ୟାଗତ ପୁଣି ଯେ ଅତିଥି କୁଶ କୁମର ।
ବମଥୁ ବୋଲାଇ ବମନ ବମଥୁ ଅଶ୍ୱର କରିଣୀଶର । ୫ ।
ଅଶ୍ୱତ୍ଥ ଅଶ୍ୱ ପୌର୍ଣ୍ଣମାସୀ ତିଥି ଯେ ଅଶ୍ୱତ୍ଥ ପିପ୍ପଳ ଦ୍ରୁମ ।
ପ୍ରମଥ ବୋଲାଇ ହସ୍ତିଙ୍କୀ ମହାଦେବପରିକର ନାମ । ୬ ।
ବରୂଥ କହନ୍ତି ରଥଗୁପ୍ତିକ ଯେ ବରୂଥ ହର୍ମ୍ୟ ସଦନ ।
ବୋଲନ୍ତି ମନ୍ମଥ କାମ ଚିନ୍ତା ପୁଣି କପିତ୍ଥ ତରୁ ସଦନ । ୭ ।
ବ୍ରାହ୍ମୀ ଗୁଡ଼ୁଚୀ ଅମଳକ୍ଷୀ ସୂକ୍ଷ୍ମେଳା ବାର୍ତ୍ତାକୀ ଏ ପାଞ୍ଚ ବୃକ୍ଷ ।
ହସ୍ତିନୀ ତରୁଗଣ ଯେବେ ସାତେ ବୟସ୍ଥା ନାମ ପ୍ରତ୍ୟକ୍ଷ । ୮ ।
ଚକ୍ରରଥ ବୋଲି ଗନ୍ଧର୍ବେ ଅଛନ୍ତି ପ୍ରଭାକର ଚକ୍ରରଥ ।
ନ୍ୟୂପ ପାଦପ ଭୂଗସ୍ଥ ଅଶ୍ମ ଜନେ ବୋଲି ବାନପ୍ରସ୍ଥ । ୯ ।

ଇତି ଥାନ୍ତ ।

ଦନ୍ଦ ଅଛି ଅଙ୍କୁରଭେଦେ ମୂର୍ଦ୍ଧିଭେଦେ ଇଦିଯୁଥରେ ଗଣନା ।
ଗଦ ବୃକ୍ଷାନ୍ତରେ ଔଷଧଭେଦରେ ରୋଗ ଶସ୍ତ୍ର ଗଦା ଯିନା । ୧ ।
ଛଦ ଦଳ ପକ୍ଷ ଛନ୍ଦି ପକ୍ଷୀ ଶୋଦ ବୋଲାଇ ପେଷଣ ଧୂଳ ।
କର୍ପୂର ଉଥଳ ଜଳ ହେମ କାମ୍ପିଲ ଏ ପାଞ୍ଚକୁ ଚନ୍ଦ୍ର ବୋଲି । ୨ ।
ଇନ୍ଦ୍ର କୁଟଜ ସୁରପତି ରୁଦ୍ର ଯେ ମହାଦେବ ଭସ୍ମଙ୍କର ।

Or 891.451 U368g

ମନ୍ଦ ଅଗ୍ନି ଅଳସ ଯେ ମୂଢ଼ଜନ ମନ୍ଦ ଭାବ ଶନୈଶ୍ଚର । ୩ ।
ଯାଯା ଶବ୍ଦକୁ କହନ୍ତି ରଥମାନେ ଅଶ୍ୱାରୋହୀ ହସ୍ତିପକ ।
ପାଦ ଚରଣ କିରଣ ଶ୍ଳୋକ ଅଙ୍କ ତରୁମୂଳ ଯେ କହେକ । ୪ ।
ମଦ ବୋଲିକରି ଗର୍ବକୁ ମଦକୁ କୁଞ୍ଜରମଦକୁ ତର୍କ ।
ବନ୍ଦୀ ବୋଲାଇ ବନ୍ଦନ କଲା ଜନ ଆବର ସ୍ତୁତିପାଠକ । ୫ ।
କୁମୁଦ କାର୍ତ୍ତିକମାସ ଦିଗଦନ୍ତୀ କପିଯୂଥପ କୁମୁଦ ।
କେକୀ ମାର୍ଜାର ଛାଗଲ ଏ ତିନିଙ୍କି ଜନେ ବୋଲି ମେଘନାଦ । ୬ ।
ମୁକୁନ୍ଦ ବୋଇଲେ ବୁଝାଏ ବିଷ୍ଣୁଙ୍କୁ ନିଧିକି ରତ୍ନଭେଦରେ ।
ଶାରଦ ଶବ୍ଦ ସବର୍ଣ୍ଣି ଦେବ ଜଳ ବର୍ଷାନ୍ତ ଋତୁ ବୟସରେ । ୭ ।
ଶାରଦ ବୋଲି ସପ୍ତପର୍ଣ୍ଣୀ ତରୁକୁ ତୋମ୍ବ ପିଶୁଳୀକି ସେନ ।
ଷଡ଼୍‌ବିନ୍ଦୁ ବୋଲି କୀଟଭେଦେ ଷଡ଼୍‌ବିନ୍ଦୁ ବୋଲି ଗୋବିନ୍ଦକୁ ମାନ । ୮ ।
ଅଷ୍ଟାପଦ ନାମ ବହଇ ଫଳକ ଶରଭ ଶତକ୍ଷ ହେମ ।
କୁଲ୍ୟ ସମସ୍ତ ରତ୍ନଭେଦେ ଅଛି ଯେ କୁରୁବିନ୍ଦ ହୋଇ ନାମ । ୯ ।
ଜନପଦ ବୋଲି ଜନପଦକୁ ଯେ ଜନପଦ ଜନଦେଶ ।
ତମନୁଦ ଶବ୍ଦ ଚନ୍ଦ୍ର ଦିବାକର ବହ୍ନିଠାରେ ପ୍ରକାଶ । ୧୦ ।
ମୁଚୁକୁନ୍ଦ ବୃକ୍ଷଭେଦେ ମାନଧାତାତନୟେ ଅଛନ୍ତି କହି ।
ମେଘନାଦ କେକୀ ରାବଣନନ୍ଦନ ବରୁଣ ପୁଣି ବୋଲାଇ । ୧୧ ।
ବିଷ୍ଣୁପଦ ବୋଲି କ୍ଷୀରୋଦେ ଆକାଶେ ବିଷ୍ଣୁପଦ ଗଙ୍ଗାଜଳରେ ।
ଶଶବିନ୍ଦୁ ବିଧୁ ବାସୁଦେବ ଶଶବିନ୍ଦୁ ଅଛି ନୃପାନ୍ତରେ । ୧୨ ।
ଶତହ୍ରଦା ନାମ ବହେ ସୌଦାମିନୀ ପୁଣି ଶତହ୍ରଦା ପଦ ।
ବୋଲେ ଶତାନନ୍ଦ ଗୌତମପୁତ୍ରକୁ ଦେବକୀସୁତକୁ କହ । ୧୩ ।

ଇତି ଦାନ୍ତ ।

ବୁଧ ପଣ୍ଡିତ ଲବ୍ଧବର୍ଣ୍ଣ ଅଜନ ବୁଧ ଚନ୍ଦ୍ରସୁତ ଗ୍ରହ ।
ମଧୁ ପୁଷ୍ପରସ ମଧୁ ଶୁକ୍ରଦ୍ରୁମ ବସନ୍ତଋତୁକୁ କହ । ୧ ।
ପୁଣି ମଧୁ ହୋଇ ଦୈତ୍ୟେକ ଅଛଇଁ ମଧୁ କ୍ଷୌଦ୍ର ଚୈତ୍ରମାସ ।

225 15.1.55 National Library

ଦଧି ଘନସାର ସୁଧାକରଣକୁ ଚନ୍ଦ୍ର ବଧୂ ପୀତବାସ । ୨ ।
ଭନ୍ଧୁ ବୋଲାଇ ବନ୍ଧୁକ ବନ୍ଧୁ ମିତ୍ର ବାନ୍ଧବ ବୋଲାଇ ବନ୍ଧୁ ।
ଜମ୍ବୁ ଭେଦ ସମୁଦ୍ର ନଦୀ ଭେଦ ଏତେକ ବୋଲାଇ ସିନ୍ଧୁ । ୩ ।
ବୃଦ୍ଧ ବୋଲ ଜଅନ୍ତାକୁ ଦଧାନକୁ ପରମେଷ୍ଠିଙ୍କ ଅମ୍ବର ।
ସୁଧା ଚନ୍ଦ୍ର ମାଂସ ବର୍ଣ୍ଣ ଛନ୍ଦଭେଦ ନକ୍ଷତ୍ର ବ୍ରଜସୁନ୍ଦରୀ ।
ସାଧୁ ସଜ୍ଜନ ଶୋଭନ ସିଦ୍ଧୌଷଧି ଯୋଗଭେଦ ଦେବଯୋନି ।
ସ୍ନିଗ୍ଧ ସ୍ନେହଯୁକ୍ତ ତରୁଣ ସ୍କନ୍ଧ ଯେ ନାସ୍ତିକ ଶାଖା ସେନାନୀ । ୫ ।
ସୁଧା ଅମୃତ ଚୂର୍ଣ୍ଣ ସନ୍ଧ୍ୟାଭେଦ ଜଳ ପୁଣି ସୁଗନ୍ଧନା ।
ଲବ୍ଧ ଲାଳସ ବ୍ୟାଧ ନାମ ପୁଷ୍ପ ଯେ ମୂର୍ତ୍ତିଶୋଭା ଏ ଗଣନା । ୬ ।
ପଦ୍ମ ନାମ ଯଜ୍ଞୀୟ-ହୋମଶାଖା ଉପସୂର୍ଯ୍ୟକେ ପ୍ରବର୍ତ୍ତି ।
ମାଗଧ ଯେ କ୍ଷତ୍ର ବୈଶ୍ୟ ସନ୍ତିବର ମାଗଧି ଉଷଣା ଯୂଥି । ୭ ।
ଜବନ ଯେ ଅପମୂର୍ଦ୍ଧ କଳେବର ରକ୍ଷାନ୍ତର ବସ୍ତ୍ରଜଳ ।
ନିଷେଧ କଠିନ ନିଷେଧ ଦେଖକେ ପୁଣି ଯେ ଏକ ଶଇଳ । ୮ ।
ସୁଗନ୍ଧ ବୋଲାଇ ବାଳୁକା ବୃକ୍ଷ ଯେ ଇଷ୍ଟଗନ୍ଧ ଯେ ସୁଗନ୍ଧ ।
ଯୋଜନଗନ୍ଧା ପଦ ସୀତା କସ୍ତୁରୀ ବ୍ୟାସମାତାଠାରେ ସିଦ୍ଧି । ୯ ।

ଇତି ଧାନ୍ତ ।

ଘନ ଯେ କାଂସ୍ୟତାଳାଦ ବ୍ୟଗ୍ର ଦୃଢ ଜଳଦ ମୁସ୍ତା ମୁଦ୍ଗର ।
ଜ୍ୟୋତ୍ସ୍ନା ଚନ୍ଦ୍ରାତପ ମୁଣ୍ଡ ଛିଣ୍ଡି ପଞ୍ଚୋଳଦାକୁ ବୋଲନ୍ତି ନର ।୧।
ତନୁ ଅଳପ ବିରଳ ଯେ କୃଶାନୁ କ୍ଷୁଦ୍ର ଚରଣ ମିହିର ।
ଦାନ ଗଜମଦ ଯାଗପାଳନ ଯେ ଦାନ ନାମ ଛେଦନର । ୨ ।
ଧନୁ ଗମ୍ଭୀରୀ ସ୍ୱର୍ଣ୍ଣଭେଦ କୋଦଣ୍ଡ ଶୋଧନ ଚନ୍ଦ୍ର ଏ ଧନ ।
ମାନ ଅଭିମାନ ନୃତ୍ୟଶେଷ କୋଷ ସ୍ୱର୍ଣ୍ଣଭେଦ ମତ୍ସ୍ୟ ମୀନ । ୩ ।
ମୁନି ଅଗସ୍ତି ପିଆଳ କିଂଶୁକ ଯେ ଇଙ୍ଗୁଦୀ ବୃଥ ଯଯାତି ।
ଯୋନି ଅକାର ସ୍ୱରପୁର ସାନ ଯେ ଦବସ ଦୁହିତୀ ବୋଲାନ୍ତି ।୪।
ବହୁ ଜାତଶ୍ରେଷ୍ଠ ମଣି ଲକ୍ଷ୍ମ ସନ୍ଧି ଉଦଧି ଲକ୍ଷିତ ଶକ୍ତି ।

ବନ ନୀର ଗୃହ ଅରଣ୍ୟ ବୋଲାଇ ସାନୁ ଯେ ଅରଣ୍ୟପ୍ରସ୍ଥ । ୫ ।
ସ୍ତୂପ ପ୍ରସୂପ୍ର ଦଞ୍ଜାନ ଦର୍ଶନ ଯେ ଶ୍ବନପକ୍ଷ ଯେ ପାଣ୍ଡବ ।
ହନୁ ହଟ୍ଟ ବଳାସିନୀ ଗଣ୍ଡସ୍ଥଳ ସ୍ତନୁ ପୁଷ୍ପାନୃକ୍ଷ ରବ । ୬ ।
ଅଞ୍ଜନ ବୋଲାଇ ରସାଞ୍ଜନ ଦଗଦଲ୍ଲୀ କଜ୍ଜଳ ସୋଦର ।
ଅର୍ଜ୍ଜୁନ ଧବଳ ପାର୍ଥ କାର୍ତ୍ତବୀର୍ଯ୍ୟ ଖାରତ୍ରୁର ଯେ ମୟୁର । ୭ ।
ଅର୍ଶୋଘ୍ନ ନାମ ତାଳମୂଳ ଲଶୁନ ନିର୍ମଳ ତାଳ ଅମ୍ଳାନ ।
ଅଗଣ୍ଡ ଚଞ୍ଚଳା ବଜ୍ର ଗଜସ୍କନ୍ଧ ପୀଠ ଏ ବେଣ ଅସନ । ୮ ।
ଉଦ୍ୟାନ ବନପ୍ରଭେଦ ପ୍ରୟୋଜନ ନିଃଶରଣ ଭୂଜଙ୍ଗମ ।
ବାୟୁଭେଦରେ ଭଗତେ ଦସ୍ୟୁବନ୍ତ୍ର ଉଦ୍ଧାନ ବୋଲି ସେନମ । ୯
କମନ ବୋଲନ୍ତି କାମୁକ କମ ଯେ ଅଶୋକପାଦପ ଧାତା ।
କାନନ ବୋଲି ବିପିନ ଗୃହ ବଧୂ ବଦନ ହୋଏ ଗଣିତା । ୧୦ ।
କାଞ୍ଚନ ସୁନାସ୍ତି ଚମ୍ପା ନାଗେଶ୍ବର ହରିଦ୍ରା ଯେ ଉଦୁମ୍ବର ।
କେଶର ଧୂସ୍ତୁର କନକ କାଞ୍ଚନ କାଞ୍ଚନ ଷବଦେ ଧର । ୧୧ ।
କେତକି ଗୃହଚ୍ଛଦନ ପତାକା ଯେ ଦାମିନୀ ସ୍ତ୍ରୀରୁ ଦକ୍ଷସ୍ତ ।
ଖଞ୍ଜନ ବୋଲି ସର୍ପେ ଖଞ୍ଜିସ୍ତୃଷ୍ଟରେ ଜୀବନ ଯେ ପ୍ରାଣ ବାଇ । ୧୨ ।
ଖଡ୍ଗୀନ ବୋଲାଇ ଗଣ୍ଡକ ଖଡ୍ଗୀନ ବୋଲି ଖଡ୍ଗଧର ସେନ ।
ଜଘନ ବୋଲାଇ ଶ୍ରୋଣିପୁରସ୍ଥଳ ଜଘନ ଦୈବଜ୍ଞ ଜ୍ଞାନୀ । ୧୩ ।
ତମୋଽଘ୍ନ ସୂର୍ଯ୍ୟ ବହ୍ନି ଇନ୍ଦୁ ଶଙ୍କର ଦୀପ୍ତ, ବୁଧ ଅଭିଧାନ ।
ଦର୍ଶନ ନୟନ ସ୍ବପ୍ନ ବୁଧ ଧର୍ମ ଉପଲବ୍ଧ ଯେ ଦର୍ପଣ । ୧୪ ।
ଦଶନ ଶିଖର ଦନ୍ତ ବୋଲାଇ ଯେ ଦଶନ ଯେ ଲତାଂବର ।
ନନ୍ଦନ ବାସବଉଦ୍ୟାନ ନନ୍ଦନ ନାମ ହର୍ଷକ କୁମର । ୧୫ ।
ନଳିନୀ ପଦ୍ମିନୀ ସ୍ତ୍ରିସ୍ତ ପଦ୍ମଲତା ନସା ପିନ୍ଧୁ ଷଟେଶ୍ବର ।
ପବନ ଦାରୁଣ ରଣ କୁମ୍ଭକାର ପାକସ୍ଥାନ ଯେ ସମୀର । ୧୬ ।
ପଦ୍ମିନୀ ପଦ୍ମଲତା ନାସ୍ତି ଚନ୍ଦନ ମଳୟଜ କପିସାର ।
ପୂତନା ଅସୁରୀ ହସ୍ତୀତକୀ ଭେକ ପ୍ରଭେଦ ସେନାମାତର । ୧୭ ।

ପ୍ରସୂନ ସନ୍ତୁଷ୍ଟ ସ୍ମର ପ୍ରସୂନ ଯେ ପ୍ରସବ ଯେ ପୁଷ୍ପ ଫଳ ।
ଲେଲିହା ସର୍ପିଣୀ ନୃପସ୍ତ୍ରୀ ଭୁଜେ ଗହନ ଜଗତ ଜନ । ୧୮ ।
ମଦନ କାମ ବୃତଦ୍ରୁମ ଧୁସ୍ତୁର ହିଜଳ ଯେ ପଟ୍ଟବାସ ।
ମାଲତୀ ମଲ୍ଲିକା ମାଳାକାର ନାରୀ ନସାଭେଦରେ ପ୍ରକାଶ । ୧୯ ।
ଯବନ କହୁ ଯବନେ ଯେମେ ଦେଶଭେଦେ ବନ୍ଧନ ଏ ସତ ।
ରଜନୀ ରାତ୍ରି ହରିଦ୍ରା ଯେ ନଳିନୀ ଜହ୍ନିକାରେ ପୁନ ରକ୍ତ । ୨୦ ।
ମିଥୁନ ଯେ ଯୁଗ ରାଶି ଭେଦ ବକ୍ରତେନ ରମ୍ୟ ରଞ୍ଜନ ।
ସୁମନା କହ ପୁଷ୍ପକୁ ମାଳତୀକ ଅଧାରେ ଦେବରେ ଘେନ । ୨୧ ।
ଲଳନା ଯାମିନୀ ନାଡ଼ିଭେଦେ ଅଛି ଲଳନା ଯୁବତୀବର ।
ବାମନ ଖର୍ବ ଦିଗଦନ୍ତୀଭେଦରେ ବାମନ ନୀଚ ପାମର । ୨୨ ।
ବିମାନ ବୋଲନ୍ତି ଚକ୍ରବର୍ତ୍ତିପୁର ବିମାନ ଯେ ବ୍ୟୋମଯାନ ।
ଯଜ୍ଞଭେଳର ସ୍ତମ୍ଭର ଛଦଭେଦେ ଲୋକେ କହନ୍ତି ବିତାନ । ୨୩ ।
ଶମନ ଶାନ୍ତ ଯବ ଯମ ଶକୁନ କୁକ୍କୁମନ୍ତି ବିହଙ୍ଗମ ।
ଶ୍ୱସନ ଶ୍ୱାସ ମାରୁତଙ୍କୁ ବୋଲନ୍ତି ଶ୍ୱସନ ମଦନ ଦ୍ରୁମ । ୨୪ ।
ଘନ୍ଦନ ସୁରତ ନିଦ୍ରା ଶଯ୍ୟା ଚିହ୍ନ ଶକୁନ ପକ୍ଷୀ ଶକୁନ ।
ଶଙ୍ଖିନୀ ଶ୍ୱେତ ବୃତ ବଧୂପଭେଦ ଚୌର ପୁଷ୍ପ ହିଙ୍ଗୁ ଘେନ । ୨୫ ।
ଶୋଭନ ସୁନ୍ଦର ଯୋଗଭେଦ ଅଛି ସଦନ ଜନମଣ୍ଡଳ ।
ବୃଜିନ କଲ୍ମଷ କୁଟିଳ କୁନ୍ତଳ ବେଦନାକୁ ବୋଲେ ନର । ୨୬ ।
ଅବଲଗ୍ନ ମଧ୍ୟଲଗ୍ନ କୁଚନ୍ଦନ ପତ୍ରାଙ୍ଗ ରକ୍ତଚନ୍ଦନ ।
କାତ୍ୟାୟନୀ ଉମା ବିଧବା ଯେ ଯୋଷା ମୁନି କାନ୍ତ କାତ୍ୟାୟନ ।୨୭।
କୁମ୍ଭଯୋନି ଦ୍ରୋଣ ବଶିଷ୍ଠ ଅଗସ୍ତ୍ୟ ଘନାଘନ ମେଘ ଗଜ ।
ଲଧ୍ୱବନ କର୍ମ ରତ ଚିତ୍ରଭାନୁ ବୋଲନ୍ତି ଅନଳ ସୂର୍ଯ୍ୟ । ୨୮ ।
ପ୍ରତ୍ୟୟ ଶବ୍ଦ ସଂସ୍କାର ଲୋକସ ଗ୍ରହଣରେ ଯେ ପ୍ରକାଶି ।
ପୟସ୍ୱିନୀ ଧେନୁ ନିଶା ନଦୀ ତପସ୍ୱିନୀ ଋଷି ଜଟାମାଂସୀ । ୨୯ ।
ପୁଣ୍ୟଜନ ଯକ୍ଷ ରାକ୍ଷସ ସଜ୍ଜନ ମଦଯୁକ୍ତ କାମମଦ ।

ଘୋଷୟିତ୍ନୁ ଢପ ପିକ ଗନ୍ଧୟିତ୍ନୁ କାମୁକ କୃଷ୍ଣଅଗୁରୁ । ୩୦ ।
ଶିଖଣ୍ଡିଣୀ ବୋଲି ପୃଥ୍ୱୀକାଲତାକୁ କୁଞ୍ଜପୁଞ୍ଜେ ମୟୂରକ ।
ଶିଙ୍ଘିନ ପୁଣି ଜଳଅଭିସାରୀ ଶିଖଣ୍ଡିନ ପୁଣି କେକୀ । ୩୧ ।
ସଂଯମନୀ ଯମନଗରୀ ସଂଯମ ବନ୍ଧନ ବ୍ରତଟି ବୋଲି ।
ସଚେଜଳୀ ପଦ୍ମାକର ପଦ୍ମଲତା ସରୋଜିନୀ ଜଳବାଳୀ । ୩୨ ।
ଅଗ୍ନି ଚନ୍ଦ୍ର ସୂର୍ଯ୍ୟ ପ୍ରହ୍ଲାଦ କ୍ରମର ବୋଲାନ୍ତି ଏ ବୈରୋଚନା ।
ମେରୁ ଜମ୍ବୁଦ୍ରୁମ ହରିଚନ୍ଦ ଶଙ୍ଖପଦ୍ମ ନାମ ସୁଦର୍ଶନ । ୩୩ ।

ଇତି ନାନ୍ତ ।

ରୂପ ସ୍ୱଭାବ ସୌନ୍ଦର୍ଯ୍ୟ ଯେ ଶୁକ ନାଟ୍ୟବାଦ ଶବ୍ଦାଳଙ୍କାର ।
କଲ୍‌ନିଧି ନ୍ୟାୟଶାସ୍ତ୍ର ଯେ ସଂବର୍ତ୍ତ ପୁଣି ଯେ ବ୍ରହ୍ମାବାସର । ୧ ।
କପି ଶିଲ୍ପିକା ଶାଖାମୃଗ କେଶବ ଗୋପ ଗୋପାଳ ବଲ୍ଲବ ।
ତପ କ୍ଳେଶ କ୍ଳେଶ ସନ୍ତାପ ଗ୍ରୀଷମ ବେଗ ବେଦଣ ଯେ ବାଣ । ୨ ।
କୃପା ଯେ ଲଜ୍ଜା କୁଳଟା ଅମୃଗର୍ଭ କୂପ ପୁଣି ସ୍ତ୍ରବୃକ୍ଷ ।
ବାଷ୍ପ ଉଷ୍ମ ଅଶ୍ରୁ ପୁଷ୍ପ ଯେ ଅବର୍ତ୍ତ ବକାଶ ପୁଷ୍ପ ପ୍ରତ୍ୟକ୍ଷ । ୩ ।
ଆବାପ ପରାକ୍ଷେ ଅଳକାଳ ବୋଲି ଉଡୁପ ଚନ୍ଦ୍ର ତରଣି ।
କଛପୀ ବଲ୍ଲକୀ ଭେଦ ପାଦାନ୍ତ ଯେ କଛପୀ ତୃଳ ପ୍ରମାଣି । ୪ ।
କଳାପ ସମୂହ କେଶପୁଚ୍ଛ କାଞ୍ଚୀ ଭୂଷଣ ପୁଣି ତୂଣୀର ।
ଦଣ୍ଡପ ବଣ୍ଟ ସ୍ତମ୍ଭ ଶାଖା ବିସ୍ତାର ପଲ୍ଲବ ଯେ ନାରକେଳ । ୫ ।
ରକ୍ତପା ଜଳୌକା ଡାକିନୀ ରାକ୍ଷସ କୁଣପ ଦୁର୍ଗନ୍ଧ ଶବ ।
ଜହ୍ୱାପ କୁକ୍କୁର ମାର୍ଜାର ପ୍ରତାପ ତାପ ତେଜକୁ ଯେଣବ । ୬ ।
ବହୁରୂପ ଶିବ ବିଷ୍ଣୁ ମନସିଜ ସରଟ ଯେ ନୃତ୍ୟକାର ।
ହେମପୁଷ୍ପ ଜବା ଅଶୋକ ଯେ ମେଘପୁଷ୍ପ ବଷ୍ଟ ହସ୍ତୁ ନୀର । ୭ ।

ଇତି ପାନ୍ତ ।

ସ୍ୱର୍ଣ୍ଣ ବାସ୍ତୁ ଅଳଙ୍କାର ରେଫ କହ ରକ୍ତବର୍ଣ୍ଣ ଯେ କୁତ୍ସିତେ ।
ଶେଫ ତରୁମଳ ଖୁର ଶିଫାରେ ଯେ ସ୍କନ୍ଧ ନାଡ଼ିକା ସହିତେ । ୧ ।

ଇତି ଫାନ୍ତ ।

ଜମ୍ବୁ ଶମ୍ବୁକ ଶଙ୍ଖ ଗଜ ବଳୟ ଖର୍ବ ଫକ୍ଷ୍ୟକ ବାମନ ।
ଦମ୍ଭ ପ୍ରତିବିମ୍ବ ମଣ୍ଡଳ ବିମ୍ବିକାଫଳ ବୁଲଲସ ସେନ । ୧ ।
କଦମ୍ବ ନୀପ ସମୂହକୁ ସିଦ୍ଧାର୍ଥ କଦମ୍ବ ଯେ ନୀପସାର ।
ପ୍ରଲମ୍ବ ପ୍ରଲମ୍ବନ ହାର ପ୍ରଭେଦ କୁଚ ଅଙ୍କୁର ଅମ୍ବର । ୨ ।
ହେରମ୍ବ ଗଣେଶ ମହେଶ ପଙ୍କଜ କାଦମ୍ବ ସରଟ ହଂସ ।
ଗନ୍ଧର୍ବ ମୃଗ କୋକିଳ ତୁରଙ୍ଗମ ଖେଚର ଗାୟକବଂଶ । ୩ ।
ନିତମ୍ବ ସ୍ତ୍ରୀକଟୀ ପଛଭାଗ ବୋଧ ସାନୁରେ ପ୍ରଖ୍ୟାତ ପୁଣି ।
ଦ୍ୱିଜିହ୍ୱ ନାମକୁ ଉରଗେ ବଦନ୍ତି ଦ୍ୱିଜିହ୍ୱ ଖଳକୁ ଗଣି । ୪ ।

ଇତି ବାନ୍ତ ।

ଲୁମ୍ପ ଅଛି ଅଗ୍ନିମୂର୍ଦ୍ଧାଙ୍କେ ସହିରେ ଲୁମ୍ପ କୁମ୍ଭକର୍ଣ୍ଣ ସତ ।
ଲୁମ୍ବ କାମୁକ ବାରନାସି ମୂର୍ଖ ଯେ ଲୁମ୍ବ ଗୁଗ୍‌ଗୁଳରେ ଉକ୍ତ । ୧ ।
ଜମ୍ବ ଇନ୍ଦ୍ରଶକ୍ତି ଦନ୍ତ ଜମ୍ବୀର ଯେ ଜୃମ୍ଭ ପ୍ରକାଶ ଜୃମ୍ଭଣ ।
ଦମ୍ଭ କୈତବ କଳ୍ପଦ୍ରୁମ ଲୁଳଣ ସର୍ପକୁ ମିଶାଇ ଗଣ । ୨ ।
ସ୍ତମ୍ଭ ଜଡ଼ ତୃଣ ସ୍ତବ୍ଧ ବ୍ରହ୍ମା ହର ଶମ୍ଭୁ ବଧି ମହେଶ୍ୱର ।
ରମ୍ଭା କଦଳୀ ଅପ୍ସରା ସଭା ଯେ ଜନଗୋଷ୍ଠୀ ଦ୍ୱାରାଗାର । ୩ ।
ନାଭି ମୃଗ ନୃପ ଚକ୍ରୀ ମଧ୍ୟ ଏକ ଅଙ୍ଗ କସ୍ତୁରୀ କାମୁକ ।
ଶୁଭ ଯୋଗ ଯୋଷା ଶୁଭ୍ର ବୋଲି ପ୍ରଭୁ ମହାଦେବଙ୍କୁ ଯେ ତର୍କ । ୪ ।
କକୁଭ ଅର୍ଜ୍ଜୁନ ଦ୍ରୁମ ଖାଣାଅଙ୍କ କକୁଭ ବୋଲାଇ ଦଶ ।
ଦୁର୍ଦ୍ଧର ଦୁଷ୍ପ୍ରାପ୍ୟ କଚ୍ଛୁରପାଦପ ଦୁନ୍ଦୁଭି ବାଦ୍ୟ ରାକ୍ଷସ । ୫ ।
ନିଷଭ ଦମ୍ଭୃତ କୁଲୀନ ଅଶ୍ୱ ଯେ ନିକୁମ୍ଭ ଦନ୍ତିକା ଦୈତ୍ୟ ।
ବୃଷଭ ବୋଲଣ କେଳ କର୍ଣହରେ ବର୍ଣ୍ଣାସେ ପ୍ରଣମ୍ୟେ ଉକ୍ତ । ୬ ।
ସୁରଭି ଷଷ୍ଠକୀ ମାଳୁକ ଚମ୍ପକ ବସନ୍ତ ଯେ ଜାତିଫଳ ।
ସୁରଭି ବୋଲାଇ ସୁଗନ୍ଧ ସୁବର୍ଣ୍ଣ ଶର ଧନୁ ଗନ୍ଧୋତ୍ପଳ । ୭ ।

ଇତି ଭାନ୍ତ ।

ମା ଲକ୍ଷ୍ମୀ ଅକାଶ ଉମା ହରପ୍ରିୟା ରମା ହରିଦ୍ରା ଅତସୀ ।
ଭ୍ରମ ବୋଲି ଭଙ୍ଗ ଉଚ୍ଚଣ୍ଡ ପୀଡ଼ାକୁ ସଙ୍କୋଚ ପୀଡ଼ାରେ କଷି ।୧।
କ୍ଷମା ଅଚଳା ତପସ୍ୱୀ ମୋକ୍ଷ ବଳ ବନ୍ଧନ କୌକ୍ଷେୟ ବାଯ ।
ଶୁକ୍ଳ ସ୍ତମ୍ଭ ତରୁ ପ୍ଲୀହା ଦୈନ୍ୟ ଘର୍ମ ଶୀର୍ଣ୍ଣ ସ୍ୱେଦ ରଶ୍ମି କ୍ଷୟ ।୨।
ଦ୍ରୁମ ପାରିଜାତ ଦ୍ରୁମ ମହୀରୁହ ଦ୍ରୁମ କିଂପୁରୁଷେଶ୍ୱର ।
ଧର୍ମ ସୋମ ଚନ୍ଦ୍ର ଅହିଂସା ସବିତା କ୍ରତୁ ଯେ ପୁଣ୍ୟ ଅଗ୍ନିର ।୩।
ପଦ୍ମ କମଳ ନିଶ୍ଚେଦ ଫଣ୍ୟା ଯେ ହସ୍ତୀ ମଦବନ୍ଧୁ ହୋଇ ।
କୁଳୀଶ ବୃକ୍ଷ ଚଣ୍ଡାଳେ ଯେ ଗର୍ଦ୍ଦଭ କୈତବକୁ ନେମି କହ ।୪।
ବ୍ରାହ୍ମୀ ବଚନ ସୋମବଳ୍ଲୀ ଶାରଦା ବ୍ରାହ୍ମୀ ପକ୍ଷିକା ଯେ ହଂସ ।
ଭ୍ରମ ହେମ ଅଙ୍ଗ ଭ୍ରମଣ ବିଭ୍ରମ ଭ୍ରମ କୁନ୍ଦ ସୁମନସ ।୫।
ଭୀମ ଦ୍ୱିତୀୟପାଣ୍ଡବ ମହାଦେବ ଭୀଷଣ ଅମ୍ଳବେତସ ।
ଭୀଷ୍ମ ଦେବବ୍ରତ ଭୟଙ୍କର ଯମ ଛନ୍ଦରେ ସଂଯମେ କ୍ଷୟ ।୬।
ଯମ କାମ ଶନି କୃତାନ୍ତ ଯମକ ରଶ୍ମି ଛନ୍ଦଣ ଚରଣ ।
ବାମା ନାରୀ ହେତୁ ରମା କାନ୍ତ ବକ୍ର ହର ଧନ ପୁଣି ଶୋଣ ।୭।
ବାମ ରାଘବ ବରୁଣ ପଶୁଧର ମୃଗଭେଦ ହଳାୟୁଧ ।
ବାମ ଶୋଭନାନ୍ତ ବାମ୍ବୁକ କୁଷ୍ଠରେ ବାମ ଶବଦ ପ୍ରସିଦ୍ଧ ।୮।
ଶ୍ୟାମ ବଟ୍ଟ ବୁଲତାବକ ବାଦଦ ପିକ ପୀତ କାଳବର୍ଣ୍ଣ ।
ଶ୍ୟାମ ଯେ ଯମୁନା ରଜନୀ ଅଙ୍ଗନା ଯତୀ ସିନ୍ଧୁ ଯେ ଲବଣ ।୯।
ଶ୍ୟାମ ସାର ଶ୍ରୁବ ଔଷଧି ପ୍ରିୟଙ୍ଗୁକଳିକା କୃଷ୍ଣକୃବୃତା ।
ସୋମ ଚନ୍ଦ୍ର ସାର ବାତ ପିତୃ ଦେବ ବଂଶଭେଦେ ସୋମଲତା ।୧୦।
ସୋମ ବାନର କୁବେର ଘନସାର ସୃଷ୍ଟି କେତେକ ସୁବାସ ।
ହିମ ତୁଷାର ଶୀତଳ ସୀମା ଘାଟ ସ୍ଥିତ କ୍ଷେତ୍ର ଅନ୍ତକୋଷ ।୧୧।
କୁସୁମ ନେତ୍ରରୋଗ ଫଳ ପୁଷ୍ପ ଯେ କୁସୁମ କାଳ ସ୍ତ୍ରୀରଜ ।
କୃତ୍ରିମ ଲବଣ ଭେଦରେ କୃତ୍ରିମ ନାମରେ ରୁଚି ଦେହଜ ।୧୨।
କୃତ୍ରିମ କୁଟ୍ଟିମ ତଳ୍ପ କରବାଳ ଛଳେମ ପୁଣି ବତାନ ।

ଛଙ୍ଗମ ବୋଲି ମନ୍ତ୍ରଣାକୁ ବେଦଜ୍ଞ ଅଗମ୍ୟ ବୈଶ୍ୟସଦନ । ୧୩ ।
ମଧ୍ୟମ ମଧ୍ୟଜ ସ୍ୱର ମଧ୍ୟଦେଶ ଅବଲଗ୍ନ ଯେ ଅଙ୍ଗୁଳୀ ।
ପ୍ରବଳ ପଲ୍ଲବ ବିଦ୍ରୁମ ପଞ୍ଚମସ୍ୱର ସର୍ଗଭେଦେ ଭଳ । ୧୪ ।
ବିଲୋମ ପ୍ରତିଲୋମ ଯେ ଭୁଜଙ୍ଗମ ବିଲୋମ ବରୁଣ ଶ୍ୱାନ ।
ଅନୁପମା ଅନ ଉପମା ଯେ ଦିଗକରଣୀ ଭେଦରେ ଘେନ । ୧୫ ।
ସାର୍ବଭୌମ ଦିଗଦନ୍ତୀ ଚକ୍ରବର୍ତ୍ତୀ ପ୍ଳବଙ୍ଗମ କପି ଭେକ ।
ମହାପଦ୍ମ ନାଗନିଧି ଦଣ୍ଡ ଯାମ ଦିବସ ପୁଣି ଅନ୍ତକ । ୧୬ ।

ଇତି ମାନ୍ତ ।

ଅର୍ଯ୍ୟ ବୈଶ୍ୟ ଥିଲାଜନ୍ତୁ ଅଲ୍ପଦସ୍ୟ କଳ୍କ ବେଶ୍ମ ତାପସସ୍ୟ ।
ଗୁହ୍ୟକ ପଞ୍ଚ ଲୁମ୍ବ ଗୁହ୍ୟ ସୁପଥ ରହ ଯେ ଗନ୍ଧ ନାମାସ୍ୟ । ୧ ।
ସିସ୍ୟ ହୃଦସ୍ୟ ଶରୀର ପ୍ରାଣେଶ୍ୱର ମୂର୍ତ୍ତ୍ୟ ପୂଜିତ ଶ୍ୱଶୁର ।
ସାର୍ଯ୍ୟ ସାମର୍ଥ୍ୟ ପ୍ରଭାବ ତେଜ ଶୁକ୍ର ସୂର୍ଯ୍ୟ ଅର୍କପତ୍ରୀ ପୁର । ୨ ।
ମିସ୍ୟ ଦୈତ୍ୟ ଶିଳ୍ପୀ ଅଶାନ୍ତିରେ କହ ମସ୍ୟ ଭୁରଙ୍ଗନଜର ।
ଯାସ୍ୟଂ ଦନାନ୍ତ ବଦିଶ ହାର୍ଯ୍ୟ ବଳ୍ମୀକ ହରଣୀ ନେଙ୍କର । ୩ ।
ଅଭସ୍ୟ ଦୁର୍ଗା ହରତକୀ ଅଭୟା ଉଶୀର ନିର୍ଭସ୍ୟ ଜନ ।
ଅନ୍ୱେସ୍ୟ ପୃଷ୍ଟବନ୍ତ ମୁନି ଅନ୍ୱେସ୍ୟା-ନଦୀ ପ୍ରଭେଦରେ ଘେନ । ୪ ।
ଷଷ୍ଠିସ୍ୟ ବେଗ ବାହ୍ଲିକ ପରଦାରରତା ଚଳସ୍ୱଭ ତୃଣ ।
ଗାଙ୍ଗେୟସ୍ୟ ଭୀଷ୍ମ ସୁବର୍ଣ୍ଣ ଯେ ଜଟାୟୁ ଗୁଗ୍ଗୁଳ ସମ୍ପାତି ସାନ । ୫ ।
ସୁମେୟସ୍ୟ ବୋଲନ୍ତି ରମ୍ପକ ସୁବର୍ଣ୍ଣ ଢଞ୍ଜିଲ୍ଲ ନାଗକେଶର ।
ପ୍ରଣସ୍ୟ ଦକ୍ଷିଣ ପ୍ରେମ ପ୍ରଳସ୍ୟ ଯେ ମୃତ୍ୟୁ ମୂର୍ଚ୍ଛା କଳ୍ପାନ୍ତର । ୬ ।
ବିଜସ୍ୟ ଅଜସ୍ୟ ପାର୍ଥ ତୀର୍ଥଭେଦ ବିନସ୍ୟ ଶିକ୍ଷ ପ୍ରଶାନ୍ତ ।
ସମସ୍ୟ ଶପଥ କାଳ ଦ୍ୱିଗୀୟୃଦ୍ଧ ପତ୍ନୀ ବେଳ କଣ୍ଠ ଧ୍ୱାନ୍ତ । ୭ ।
ଧନଞ୍ଜୟ ଅଗ୍ନି ପାର୍ଥ ନାଗଭେଦ ଧନଞ୍ଜୟ ଦେହାନିଳ ।
ରଣ୍ୟେ ଷଣ୍ଡ ନାମ ହିରଣ୍ୟ ନାମ ଯେ ସୁରଶ୍ରେଷ୍ଠ । ୮ ।
ରୌହିଣେୟ ବୁଧ ହଳୀ ଫଳୋଦସ୍ୟ ଲଭ୍ୟ ଯେ ହିଦଶାଳୟ ।

ଜଳାଶୟ ବୋଲି ଜଳାଧାରେ କହ ଉଶୀର ଯେ ଜଳାଶୟ । ୯ ।

ଇତ ଯାନ୍ତ ।

ଶ ବୋଲି ଅଗ୍ନି କ ଶାସ୍ତ୍ରଜ୍ଞ ଷ ବୋଲି ଶ୍ରେଷ୍ଠଙ୍କୁ ବଦନ୍ତି ସତେ ।
ଶ୍ରୀ ଲକ୍ଷ୍ମୀ ସମ୍ପତ୍ତି ଭାରତୀ କେଶବ ରବ ଯୋଗ୍ୟ ବେଶକୁ ତେ । ୧ ।
ଅରି ଚକ୍ର ଶତ୍ରୁ ଅରି ଚକ୍ରାଙ୍ଗେ ଯେ ସମ୍ମୁଖରେ ପ୍ରବର୍ତ୍ତି ଅଛି ।
କର କରଭା କିରଣ ଭାଗଧେୟ ହସ୍ତରେ ହୋଇଣ ଅଛି । ୨ ।
କାରୁ ଶିଳ୍ପୀ ବିଶ୍ୱକର୍ମା ଶବ୍ଦ ଦେବ ମୂର୍ଖ ଯେ ମାତୃକାରକ ।
କୀର ଶୁକ କ୍ଷୁଦ୍ର ଅଧମ ଯେ କ୍ରୂର କୃପଣ ଅଳ୍ପ ନାସ୍ତିକ । ୩ ।
କ୍ଷୀର ଦୁଗ୍ଧ ନୀର କ୍ଷାର ରସାନ୍ତର ଭସ୍ମ କାଚ ଯେ ଲବଣ ।
ଖର ଗର୍ଦ୍ଦଭ ତୀକ୍ଷ୍ଣ ଖର ଯେ କୁଳଦଳ ସର୍ପ ବୋଲି ଜାଣ ।୪।
କ୍ଷର ବୋଲନ୍ତି ଯେ ଛେଦନ ଦ୍ରବ୍ୟଙ୍କୁ କୋଟିକାକ୍ଷକୁ ଗୋକ୍ଷୁରେ ।
ଗୌର ବୋଲି ଶ୍ୱେତ ପୀତ ରକ୍ତେ ଚନ୍ଦ୍ରେ ବିଶୁଦ୍ଧେ ନାଗକେଶରେ ॥
ଗୌରୀ କନ୍ୟା ଉମା ଗୋରଚନ ସିତ ହରିଦ୍ରା ପ୍ରିୟଙ୍ଗୁ ଜାଣି ।
ତ୍ୱଷ୍ଟୁ ଶୋଭା ବୃହସ୍ପତି ବିଶ୍ୱକର୍ମା କୁତ୍ସିତ ଶିଳ୍ପିକ ଋଷି । ୬ ।
ଗୁରୁ ପିତୃଜନ ଦୁର୍ଗନ୍ଧ ଯେ ଗୁରୁ ସାକ୍ଷାଦାତା ସୁରଗୁର୍ଯ୍ୟ ।
ତାର ବୋଲି ବିଶୁଦ୍ଧକୁ ମୁକ୍ତାକୁ ଦାନବ ସାତ୍ତ୍ୱିକ ହେଳ । ୭ ।
ତ.ସ ଅକ୍ଷିମଧ୍ୟନକ୍ଷତ୍ର ଗୀଷ୍ପତି ବାଳଭାର୍ଯ୍ୟା ମନୋହାରୀ ।
ପୁର ପାଟଳୀ ଗୁଗ୍ଗୁଳ ଜଳାବର୍ତ୍ତ ଦେହ ସଦନ ନଗରୀ । ୮ ।
ବର ଜାମାତା ଦେବକୃପା ବଲ୍ଲଭ ଶ୍ରେଷ୍ଠ ଯେ ଶ୍ରେଷ୍ଠ କୁଙ୍କୁମ ।
ବାରି ବୋଲି ଗଜବନ୍ଧନ ବାଲୁକା ଜଳକୁ ଜନେ ସେନ୍ଦୁମ । ୯ ।
ସର ଗ୍ରନ୍ଥବାର୍ତ୍ତା ନୀର ଶର ଜାଣ ସରୋବରକୁ ସଲିଳ ।
ସାର ସ୍ଥିରାଂଶ ଉତ୍ତମ ବଳଶିର ଅଙ୍କ ଯେ ମସ୍ତକ ଦଳ । ୧୦ ।
ସ୍ଥିର ଭୂମି ଶାଳପର୍ଣ୍ଣୀ ମୋକ୍ଷଦ୍ୱାର ଯୁଦ୍ଧ ମୁକ୍ତାମ୍ବୁମାଳୀ ।
ସ୍ୱରୁ ପୂଗ ଖଣ୍ଡ କୁଳଶ ସ୍ତାର ଯେ ବଳଟେ କୁକୁନ୍ଦେ ବୋଲି ।୧୧।
ହରି ଚନ୍ଦ୍ର ସୂର୍ଯ୍ୟ ପବନ ମଘବା ବିଷ୍ଣୁ କିରଣ କେଶରୀ ।

ଯମ ମର୍କଟ ମଣ୍ଡୂକ ଶୁକ ଅଛ ଏ ପୁଣି ବୋଲନ୍ତି ହରି । ୧୨ ।
ଅମରୁ ଦେବତା କାର୍ପାସ ଗୁଡ଼ୂଚୀ ସ୍ଥୂଣା ଦୂର୍ବା ଇନ୍ଦ୍ରପୁର ।
ଅଧର ଓଷ୍ଠ ହୀନ ଅଧିକମ୍ଭ ଯେ ଶୁଣ୍ଠ ଫଳୁ ଅଧାହାର । ୧୩ ।
ଅମ୍ବର ବୋଲାଇ ଆକାଶ ବସନ ଅମର ସୁଗନ୍ଧାନ୍ତର ।
ଅଙ୍ଗାର ପ୍ରଫୁଲ୍ଲ ସନ୍ଧୂକ ଭୂମିଜ ଲୋମ ବିକାଶ ଅଙ୍କୁର । ୧୪
ଅକ୍ଷର ବର୍ଣ୍ଣ ମହାଦେବ ଦେବ ଯେ ଅସୁର ଅଗ୍ନି ଦାନବ ।
ଆଧାର ଅଧିକରଣ ଆଲବାଳ ପରୀକ୍ଷା ପୁଣି ସେଚନ । ୧୫ ।
ଆସାର ଧାରା ପ୍ରବୃଦ୍ଧ ବେଗେ କହ ଅସୁର ଦୈତ୍ୟ ନିହର ।
ଈଶ୍ୱର ଶମ୍ଭୁ ସ୍ୱାମୀ ନାଟ୍ୟ ନନ୍ଦଅଦାଲ୍ଭ ମହତ ଉଦାର । ୧୬ ।
ଉତ୍ତର ଦକ୍ଷିଣେତର ଧଗଭେଦେ ଉତ୍ତର ପ୍ରତିବଚନ ।
କର୍ବୁର ପାପ ଅସୁର ସ୍ୱର୍ଣ୍ଣ ଜଳ ପୁଣି ଦ୍ରାବିଡ଼ ସେଚନ । ୧୭ ।
କର୍ବୁର ଦୁର୍ଗା ବହି ଶେଷ ବୋଲାଇ ବାରିଦ ଗ୍ରୀବା କନ୍ଧର ।
କଶୀର ଘଟ କରବୀରତରୁ ଯେ କଶୀର ବଂଶ ଅଙ୍କୁର । ୧୮ ।
କବରୀ କେଶବେଶ ଶମ୍ଭୁ କାମିନୀ କୁବେର ବୃକ୍ଷେ ଧନଦେ ।
କୁମାର ଯୁବରାଜ ଶିଶୁ ସେନାନୀ ବରୁଣଦ୍ରୁମ କୋଦଣ୍ଡେ । ୧୯ ।
କାବେରୀ ନଦୀ ପୁନ୍ୟନାରୀ ହରିଦ୍ରା କର୍ମାର ଜାତି ଯେ ବଂଶ ।
କୁମାରୀ ଦୁର୍ଗା ଅପରିଣୀତା କନ୍ୟା ସହାଙ୍କମୂଳେ ପ୍ରକାଶ । ୨୦ ।
କୁହର ଛଲ ଗହ୍ୱର ନାଗାନ୍ତର ଗାନ୍ଧାରଭେଦେ ସ୍ୱର ।
କୁଞ୍ଜ ପାଟଳୀ କେଶ ମତ୍ତଗଜ ଗୃହଙ୍କ ନାମ କୁଞ୍ଜର । ୨୧ ।
କେଶର କିଂଜଳ୍କ ନାଗେଶ୍ୱର ହିଙ୍ଗୁ ପୁଣି ପୁନ୍ନାଗ ବକୁଳ ।
କେଶରୀ ବୋଲଣ ସିଂହ ପଦ୍ମ ନାଗକେଶର ନାମକୁ ଜଳ । ୨୨ ।
କିଶୋର ଅଶ୍ୱଶାବକ ଅବସ୍ଥା ଯେ ତୈଳପର୍ଣ୍ଣୀ ପ୍ରଭାକର ।
କେଦାର ସରିଣୀ କସ୍ଥାନ ବପ୍ର ଯେ ମୁନି ଗଛିକା କୁକ୍କୁର । ୨୩ ।
ଝର୍ଝର କଳଯୁଗ ବାଦ୍ୟ ତୁଷାର ହିମ ଶୀତଳ ଶୀକର ।
ଚମରୀ ମୃଗ ମଞ୍ଜରୀ ଯେ ଚାମର ବାଳବ୍ୟଜନ ଚାମର । ୨୪ ।

ଚକୋର ପକ୍ଷୀ ବୃକ୍ଷଭେଦ ହରିଣ ଚଳଚୈଳ ଯେ ଚକୁର ।
କାଦମ୍ବ ଲୁବ୍ଧେ ଅଦ୍ରଭେଦେ ମଣ୍ଡୂକ ଯେ ଅଭିଧାନରେ ଦର୍ଦ୍ଦୁର ॥
ନାଗର ମୁସ୍ତକ ବଦଗନ୍ଧ ନଗର ଭବକୁ ବୋଲନ୍ତି ଜନେ ।
ଝର୍ଝର ଦେବ ଜନ୍ୟବାଦ୍ୟ ଝର୍ଝରୀ ଖୁଡ଼ୁରୀ ଯେ ଶାଳପର୍ଣ୍ଣେ । ୨୬ ।
ସନ୍ଦୋହ ସଂସାର ଅମ୍ବୁଦ୍ୟମ୍ବୁ ଧନନିଧିକ କହ କୁବେର ।
ଘଞ୍ଚର ଦସ୍ୟୁ ସନ୍ନାହ ଅଶ୍ୱ ତଳୁ ଅତ ତୀକ୍ଷଣ କୁକ୍କୁର । ୨୭ ।
ପ୍ରବର ସନ୍ତତି ଗୋତ୍ର ପ୍ରବର ଯେ ଶ୍ରେଷ୍ଠ ବୃନ୍ଦ ବକାଣ୍ଡିତା ।
ପାଣ୍ଡୁର ଧୂସର କଣ୍ଠରେ ପ୍ରସ୍ତର ପାଷାଣ ମଣିରେ ଇନ୍ଦ୍ରା । ୨୮ ।
ପୁଷ୍କର କରହସ୍ତାଗ୍ର ଖଡ୍ଗଫଳ କୁଷ୍ଠିବଣ ସରୋରୁହ ।
ପୁଷ୍କର ଗଗନ ଜଳତୀର୍ଥଭେଦେ ଦ୍ୱୀପଭେଦରେ ଯେ କହ । ୨୯ ।
ପୀବର କଚ୍ଛପ ସ୍ଥୂଳ କନ୍ଧର ଶୋଭ୍ର ନତାନତ ପଥ ।
ଭ୍ରମର କାର୍ମୁକ ଭୃଙ୍ଗ ଯେ ମନ୍ଦର ବନ୍ଧୁଳ ମନ୍ଥ୍ୟ ପର୍ବତ । ୩୦ ।
ମନ୍ଦାର ସୁରପାଦପ ପାରିଭଦ୍ର ଅର୍କପର୍ଣ୍ଣୀ ହସ୍ତୀ ଧୂର୍ତ୍ତ ।
ମନ୍ଥର ପୁର ନଗ୍ନ ସିନ୍ଧୁ ମନ୍ଥର ମନ୍ଥନ ଯେ ଅଳସିତ । ୩୧ ।
ମଞ୍ଜିରୀ ତିଳକ ସ୍ଥୂଳ ମୁକ୍ତାଲତା ମଞ୍ଜରୀ ବୋଲଇ ହାର ।
ମୁଦର କାମୁକ ମେଘ କାମ ମୃଗ ବୁଦ୍ଧି ସବିତା ମିହିର । ୩୨ ।
ବଦୁର ବୋଲନ୍ତି ନାଗର ଧୀରକୁ କୌରବମନ୍ତ୍ରୀ ବଦୁର ।
ବଶ୍ଲେଷ ରସନା ବଚ୍ଛେଦ ଏ ଦୁଇ କଥା ବୋଲଇ ବଧୂର । ୩୩ ।
ବବର ଭୂଷଣ ଗର୍ତ୍ତ ଯେ ବବର ଗରୁଡ଼େ ଲକ୍ଷନ୍ତି ନର ।
ଶର୍କରାନ୍ୱିତ ପ୍ରଦେଶକୁ ଦୁଗ୍ଧଭଙ୍ଗ ଫେନକୁ ବୋଲି ଶର୍କର । ୩୪ ।
ବହାର ଭ୍ରମର ସ୍କନ୍ଧ ବପୁ ପୁଣି ପୁଂସ ଅଜପ ବହାର ।
ଶବର ମ୍ଳେଚ୍ଛ ଜାତିଫଳ ଶଙ୍କର ସମସ୍ତ ହେମ ଶିଶିର । ୩୫ ।
ଢିଶର ଦ୍ରୁମାଗ୍ର ପୁଲକ ଦାଡ଼ିମ୍ବ ଦ୍ୱିଜାଭି ମାଣିକ୍ୟ ବିଙ୍ଗ ।
ସମ୍ବର ଦୈତ୍ୟ ମତ୍ସ୍ୟ ବ୍ରତଦଶେଷ ଶୈଳ ସଲିଳ କୁରଙ୍ଗ । ୩୬ ।
ଘୋର ସ୍ୱରିତ ନାଟ୍ୟ ରସ ଜଳ ମଣ୍ଡଳ ଚୂର୍ଣ୍ଣ ସିନ୍ଦୂର ।

ସିନ୍ଦୂର ତରୁ ରକ୍ତ ଚୂର୍ଣ୍ଣ ସିନ୍ଦୂର ଗୋରଚନା ରଙ୍ଗ ଅମ୍ବର । ୩୭ ।
ଅହଙ୍କାର ବୋଲି ହାବାଦଳ କହ୍ନ ଅଲଙ୍କୃତ ଅଳଙ୍କାର ।
ଅବତରଣୀ ପୁଷ୍କରଣୀ ତୀର୍ଥ ଯେ ଏ ତେଣେହେଁ ଅବତାର । ୩୮ ।
ଆଡ଼ମ୍ବର ବୋଲି ଗଜ ଘୋଷ ଢାଳ ଶୌର୍ଯ୍ୟ ସେନ ଉଡ଼ୁମ୍ବର ।
ପୀତ ମସ୍ତକ ଧୂମ୍ରାକ୍ଷ ବିହଙ୍ଗମ ଜରଣ୍ଡିକ କର୍ଣ୍ଣିକାର । ୩୯ ।
ଶିହ୍ଲସାର ନାମ ମଳୟପର୍ବତ ଲୌହ ବଙ୍ଗ ପୁଣି ବହ୍ନ ।
ଘନସାର ବୋଲି କର୍ପୂର ଦକ୍ଷିଣାବର୍ତ୍ତିକ ବଦଳି କହ୍ନ । ୪୦ ।
କୃଷ୍ଣସାର ମୃଗ ଶିଂଶପାବୃକ୍ଷ ଯେ ଅହ୍ନ ବିଷ୍ଣୁ ଚକ୍ରଧର ।
କ୍ଷେପଣ ଉଲଙ୍ଗ ଅନ୍ଧକାର ମହେଶ୍ୱର ନାମ ଦିଗମ୍ବର । ୪୧ ।
ଦ୍ୱୈମାତୁର ଜରାସନ୍ଧ ଗଣପତି ନୃପ ଯମ ଦଣ୍ଡଧର ।
ଧରାଧର ଗିରି ବିଷ୍ଣୁ ଘନୋପଲ ନାସୀର ଯେ ଧରାଙ୍କୁର । ୪୨ ।
ନଭଚର ବିହଙ୍ଗମ ବିଦ୍ୟାଧର ବାଇ ସହଜ ଭ୍ରଷ୍ଟ ।
ନିଶାଚର ପେଚୁ ଧେରଳ ଭୁଜଙ୍ଗ ରାକ୍ଷସରେ ହୋଏ ଭକ୍ତ । ୪୩ ।
ନୀଳାମ୍ବର ଜାଣ ରେବତୀରମଣ ରାକ୍ଷସ ଯେ ଶନୈଶ୍ଚର ।
ପରିକର ନାମ ବହଳ ପର୍ଯ୍ୟଙ୍କ ସମ୍ପ୍ରଦାୟ ପରିବାର । ୪୪ ।
ପୟୋଧର କୋଷ ହାର ନାରିକେଳ ବକ୍ଷୋରୁହ ବାରିବାହ ।
ଶତାବର୍ତ୍ତ ବୋଲି ଶରୀର ଅଭିସାଲତାଙ୍କୁ କୋବିଦ କହ । ୪୫ ।

ଇତି ସର୍ଗ ।

ଅଳ ମଧୁପ ଭୃଙ୍ଗ ଅଳୀ ସଖୀ ସେତୁ ପଂକ୍ତି କୀଳ ଦାସ ସିତ ।
କେଳୀ ଚନ୍ଦ୍ରାଂଶୁ କଳନା କାଳମାନ ଚତୁଃଷଷ୍ଟିରେ ଯେ ଉକ୍ତି । ୧ ।
କାଳ ମୃତ୍ୟୁ ମହାକାଳ ଶ୍ୟାମ ବରଣ ସମସ୍ତ ଦିକ୍ପତି ।
କଳ କଳହ କଳଯୁଗ କାଳକା କୀଟ ଭୁଜଗ ପାଙ୍କତି । ୨ ।
କୁଳ ଜନପଦ ଗୋଷ୍ଠ ଜାତିଗଣ କୁଳ ଶୈନ୍ୟ ଯେ ପୃଷ୍ଠରେ ।
କୋକ କୁଳକ ପିପ୍ପଳୀ କେଳାଗନେ ଚକ୍ର ଉଷଟ ଶୂକରେ । ୩ ।
ଗୋଳା ଗୋଦାବରୀ କୁଳଟା ଦୁର୍ଗା ଯେ ଚଳା ନାମ ଲକ୍ଷ୍ମୀ କର୍ମ ।

ଜଳ ହ୍ରୀବେର ନୀରଜାଳ ଗବାକ୍ଷ ଧନାମ୍ବୁ ବୃନ୍ଦ ଯେ ଲପ । ୪ ।
ତାଳ ଚପେଟ୍ଟ ତର୍ଜ୍ଜି ଘାତେ କାଂସ୍ୟାଦ୍ଧ ବାଦ୍ୟ ଝଁଜ ତୃଣ ଘଜା ।
ନଳ ପୋଟ୍ଟ ନଳକାପିତ ଦେବ ଯେ କପିଶ୍ରେଷ୍ଠ କର ହେଜା । ୫ ।
ନୀଳକଣ୍ଠ ଶିବ କଣ୍ଠଭେଦ ଚିରଭେଦରେ ଯେନ ସୂତଭେ ।
ବଳ କନ୍ଦରସ ଦୈତ୍ୟ ହଳୀ କାକ ସୈନ୍ୟ ସ୍ଥାମ୍ନ ଉଚତେ । ୬
ବଳ ଉପହାର ଦୈତ୍ୟ ଇନ୍ଦ୍ର ବଳବନ୍ତ ସ୍ଥୂଳଦ୍ୱାର ଅଙ୍ଗ ।
ଭୃଙ୍ଗଳ ଅଲକ ମୂର୍ଖ ହ୍ରୀବେରରେ କାଳ ଦେ କର ସଙ୍ଗ । ୭ ।
ଦାଳୀ ବୋଲି ବାଳା ଅଳଙ୍କାର କପିନାଥ ବେଳା କାଳ ଭୂଇ ।
ଉଷ୍ଟ ଉଷ୍ଟ୍ରକ ଶସ୍ତଭେଦେ ଉଷ୍ଟ ଯେ ତେଜ ଲଲାଟକୁ କହି । ୮ ।
ବ୍ୟାଳ ଦୁଷ୍ଟଗଜ ସର୍ପ ଶ୍ୱାପଦ ଯେ ବଳ ଛିଦ୍ର ଗୁହା ବେଳ ।
ଶାଳୀ କଳମ୍ବାଦ୍ଧ ପଚ୍ଛୀଭଗ୍ନୀ ପୁଣି ଗନ୍ଧମାର୍ଜ୍ଜାରକୁ ଖେଳ । ୯ ।
ଶୀଳ ସ୍ୱଭାବ ପାଷାଣ ଶୂଳ ବେଗ ଅଯୁଧ ମୃତ୍ତ କେତନ ।
ହାଳା ବିଷ ସୁରା ହାଳା ବୋଲିଲ ଯେ ବଳାସାଦ୍ଧ ଅବଜ୍ଞାନ । ୧୦ ।
ଉଜ୍ଜ୍ୱଳ ପ୍ରଦୀପ ଶୃଙ୍ଗାର ବଶାଦ ପ୍ରକାଶ ଲୋକକୁ କଷି ।
ପ୍ରସ୍ତର ବହୁ ଶର୍କରାଠାରେ ପୁଣି ଉପଳ ଶବଦ ଅସି । ୧୧ ।
କପିଳ ବର୍ଣ୍ଣଭେଦ ମୁନିପ୍ରଭେଦ କମଳା ବରଷ୍ଟୀ ରମା ।
କମଳ ତାମ୍ର ଜଳ ପଦ୍ମ ଭେଷଜ ଅକାଶେ ମୃଗେ ଧେନମା । ୧୨ ।
କପିଳା ରେଣୁକା ଶିଂଶପା ପ୍ରଭେଦ ପୁଣ୍ଡ୍ରସକର କରଣୀ ।
କବଳ ଉତ୍ତୁଙ୍ଗ ଦନ୍ତୁର ଭୂଷଣ ସର୍ବ୍ବରସ ଟେଟିଳ ଘଣ୍ଟି । ୧୩ ।
କନ୍ଦଳ ଉପଦ୍ରବ ନବଅଙ୍କୁର କଳଧ୍ୱନି ସଂଖ୍ୟା ଜାଣ ।
କନଳୀ ମୃଗ ଗୁଳ୍ମ ପୁଣି କଦଳୀ ରମ୍ଭା ପତକା ହରଣ । ୧୪ ।
କାକୋଳ ବୋଲିଲ ସରଳ କାକ ଯେ କାକୋଳ ନଗସଲ୍ଲର ।
କୁଶଳ ମାଙ୍ଗଲ୍ୟ ସୁକୃତ ପର୍ଯ୍ୟାପ୍ତି କୌଶଳ ଜଳ ଭୂଧର । ୧୫ ।
କୁବଳ ବଦରୀଫଳ ମୁକ୍ତାଫଳ ପୁଣି କୁବଳ ଉତ୍ପଳ ।
ପାଣି ବଳୟ କର୍ଣ୍ଣଭୂଷା କାଞ୍ଚନ ସୁନ୍ଦରୀ ବଲ କୁଣ୍ଡଳ । ୧୬ ।

ଉରଳ ମାନ ବକ୍ଷ ଭୂଣମୂଳ ଯେ କୁଣ୍ଡଳୀ ସର୍ପ ବଣିକ ।
ନରତ୍ନ ଚଞ୍ଚଳ ହାରମଧ୍ୟମଣି ଶିତ୍‌ଙ୍ଗ ଧବସନାସୂକ । ୧୭ ।
ଜଟିଳା ପିପ୍ପଳ ଜଟାମାଂସୀ ଜଟାଯୁକ୍ତ ଚନ୍ଦ୍ରସେନମାତା ।
ତମାଳ ଶବଦ ତଳକେ କୁଆଣେ ତାପିଚ୍ଛେ ଚରୁଣେ ଉକ୍ତା । ୧୮ ।
ତଣ୍ଡୁଳ ଧାନ୍ୟାଦ୍ଧ ବନ୍ଧୁଙ୍ଗ ତାମ୍ବୂଳ ପୁଣି ନାଗବଲ୍ଲୀପର୍ଣ୍ଣ ।
ଦୁକୂଳ କ୍ଷୌମବସ୍ତ୍ର ବୃକ୍ଷ ଉତ୍ତମ ଶୁକ୍ଳ ମୃଦରକୁ ଘେନ । ୧୯ ।
ତ୍ରୁମୂଳ ରଣସଙ୍କୁଳ କଳଦ୍ରୁମ ନକୁଳ ଜନ୍ତୁ ପାଣ୍ଡବ ।
ମଙ୍ଗଳ କୁଶଳ ଗ୍ରହ ମଙ୍ଗଳ ଯେ ଶିତଦୁର୍ବା ଉମା ଜ୍ଞବ । ୨୦ ।
ଚଞ୍ଚଳା ତଡ଼ିତ ଲକ୍ଷ୍ମୀ ଯେ ଚଞ୍ଚଳା କାମୁକ ବାତ ତରଳ ।
ଚପଳା ପୁଂଶ୍ଚଳୀ ପିପ୍ପଳୀ ଦାମିନୀ ଲୁବନ ଶୀଘ୍ର ଚପଳ । ୨୧ ।
ମଣ୍ଡଳ ଦ୍ୱାଦଶଦେଶକୁ କହନ୍ତି ମଣ୍ଡଳ କୋଷ୍ଠୀ ପରଧି ।
ମଞ୍ଜୁଳ ଶୋଭା ଜଳତରଙ୍ଗ ଚଳ ବନ୍ଦୀ ସ୍ଥିର ଗ୍ରହ ବ୍ୟାଧି । ୨୨ ।
ମାତୁଳ ବ୍ରୀହିଭେଦ ମାତାଭ୍ରାତା ଯେ ତା-ଭାର୍ଯ୍ୟା ହୁଏ ମାତୁଳୀ ।
ତାଳମୂଳୀ ଅଗ୍ନିପର୍ଣ୍ଣୀ ବଳଭଦ୍ର ସ୍ୱହଗୋଧିକା ମୂଷଳୀ । ୨୩ ।
ଭସାଳ ସିହ୍ଲକ ବେଳ ଇକ୍ଷୁ ଚୂତ ରସାଳ ରସନା ଦୁର୍ବା ।
ରମିଳ ରମଣ ମଦନ ଲାଙ୍ଗୂଳ ପୁଚ୍ଛ ସେ ଫଳକୁ ଘେନବା । ୨୪ ।
ଲାଙ୍ଗଳୀ ତୋୟ ପିପ୍ପଳୀ ଗୋବାରଣ କାମସାଳ ନାରିକେଳ ।
ମେଖଳ ଖଡ୍ଗ ବନ୍ଧନ କାଞ୍ଚିମାଳା ନିତମ୍ବ ସ୍ଥୂଳ ଅଞ୍ଚଳ । ୨୫ ।
ବିପୁଳ ପୃଥୁଳ ଅଗାଧ ପଶ୍ଚିମ ଭୂଧର ମେରୁପର୍ବତ ।
ଅମଳ ସମଳ ସଚ୍ଛର ସକଳ ଖଣ୍ଡ ଭୂତ ବନ୍ଧେ ଉକ୍ତ । ୨୬ ।
ଶ୍ୟାମଳ ଶ୍ୟାମ ଶ୍ୱେତେ କହି ଶୈବଳ ପଦକାଶ୍ୟେ ଯେ ଶୈବାଳ ।
ବୃକ୍ଷଶାନ୍ତରେ ପଶୁଭେଦେ ଶ୍ରେଷ୍ଠକୁ ବ୍ୟାଘ୍ରକୁ କହି ଶାର୍ଦ୍ଦୂଳ । ୨୭ ।
ଅକ୍ଷମାଳା ବୋଲି ଅକ୍ଷସୂତ୍ରକୁ ଯେ ଅକ୍ଷମାଳା ଅରୁନ୍ଧତୀ ।
କଳକଳ ବୋଲି କୋଳାହଳକୁ ଯେ ଶାଳନିର୍ଯ୍ୟାସେ କହନ୍ତି । ୨୮ ।
କୁତୂହଳ ବୋଲି ପ୍ରଶସ୍ତକଥାକୁ କଉତୁକ କୁତୂହଳ ।

ଗିରିଚ୍ୟୁତ ସ୍ଥୂଳପଲ ଲଙ୍କକୁ ବୋଲନ୍ତି ଯେ ଗଣ୍ଡଶୈଳ । ୨୯ ।
ଗନ୍ଧଫଳ ବୋଲି ଚମ୍ପାକଳିକାକୁ ପ୍ରିୟଙ୍ଗୁ ପୁଣି ବୋଲାଇ ।
ଭସ୍ମତୋଳ ବୋଲି ଗ୍ରାମକୂଟେ ହମେ ପାଂଶୁକରଷଣେ କହି । ୩୦ ।
ମୁକ୍ତାଫଳ ଶବ୍ଦ କର୍ପୂରେ ମୌକ୍ତିକେ ଲବଣ ଫଳରେ ବ୍ୟକ୍ତ ।
ମଦକଳ ଶବ୍ଦ ମଦିରଙ୍ଗ ବାଚ୍ୟମତ୍ତେ ଧରେ ହୋଏ ଉକ୍ତ । ୩୧ ।
ହସ୍ତୀ ଅଭ୍ର ମାତଙ୍ଗଜ ଶଙ୍ଖ ନାଗ ଦନ୍ତାସ୍ତ୍ରକେ ବଦ୍ୟମାନ ।
ହରିତାଳ ଧାତୁଭେଦକୁ ବ୍ୟୋମ ଯେ ରେଖାକୁ ମିଶାଇ ଗଣ । ୩୨ ।

ଇଷ୍ଟ କାଣ୍ଡ ।

କବି ବାଲ୍ମୀକି ଶୁକ୍ର ଫଣ୍ୟାବାନ ଯେ ଖଳ ସାର ପରମାଣ ।
ଜୀବ ପ୍ରାଣୀ ପ୍ରାଣ ଜୀବକା ପାଦପ ପ୍ରଭେଦ ପୁଣି ଦୂଷଣ । ୧ ।
ଛବି ଶୋଭନ କିରଣ ଜବା ବେଶବନ୍ତ ତନ୍ୱୀ ସୁମନସ ।
ଦେବ ନୃପତି ଦେବତା ମେଘ ତରୁ ଧବଳଭେଦ ପ୍ରାଣେଶ । ୨ ।
ଧ୍ରୁବ ଶଙ୍କୁ ହର ସୁବର୍ଣ୍ଣ ବସ୍ତ୍ର ଯେ ଯୋଗ ମୁନି ଧ୍ରୁବ ଜୀବ ।
ଭବ ସଂସାର ମୋକ୍ଷ ହର ଉତ୍ପତ୍ତି ସତ୍ତ୍ୱପ୍ରାପ୍ତି ପୁଣି ହେଜ । ୩ ।
ଭାବ ସ୍ୱଭାବ ଅଭିପ୍ରାୟ ଭାବନା ଚେଷ୍ଟା ରସାଦ ଭାବାଦ ।
ଲେଶେ କନାଶେ ଛେଦନ ସମସ୍ତେ ଲବ ଶବଦ ସମ୍ବାଦ । ୪ ।
ଦେଶୀ ଦୁର୍ଗାନ୍ଧ ନୃପସ୍ତ୍ରୀ ପଦ୍ମିଲତା କାବ୍ୟ ଶୁକ୍ର ଗ୍ରନ୍ଥସାର ।
ପ୍ଲବ ପ୍ଲବନ ସ୍ୱପଚ ଭେକ ଭେଳା ପକ୍ଷୀ ଦ୍ରୁମ ବାନର । ୫ ।
ଶିବ ମୋକ୍ଷ ହର ଗ୍ରହଯୋଗଭେଦ ସୁଖ ଶୋଭା ଜଳ ଶେନ ।
ଜବା ଝିଣ୍ଟା ମଳା ଅମଳକୀ ଗୌରୀ ଫେରୁ ପିଶାଚୀକି ମାନ । ୬ ।
ସ୍ରୁବ ହୋମପାତ୍ର ଶଲ୍ଲକୀ ଦର୍ବୀ ଯେ ହରିଦ୍ରା ଦାରୁ କୁହାଇ ।
ମୌର୍ବୀ ଶିଞ୍ଜିନୀ ଧରଣୀ ଶବ୍ଦ ବୋଲି କୁଣପ ସନ୍ଧାନ ହୋଇ । ୭ ।
କେଶବ ବସ୍ତ୍ର କେଶବ କୈତବ ଯେ ବୋଲାଇ ଛଦ୍ମ ଧୂସ୍ତୁର ।
ଭୈରବ ଯଦୁଙ୍କ ମନ୍ତ୍ରୀ ମହୋତ୍ସବ ବାନ୍ଧବ ମିତ୍ର ସୋଦର । ୮ ।
ପଲ୍ଲବ କନ୍ଦଳସ୍ତୁ ଚିତ୍ର ଶୃଙ୍ଗାର ଅଲକ୍ତକପଦରେ ବର୍ଣ୍ଣି ।

ଦୁର୍ଗବ ଶଣ୍ଠ ଶୁଣ୍ଠ ଧୂନ୍ତ ପରଶୁରାମଙ୍କୁ କହେ ଭକ୍ଷନ୍ତି । ୯ ।
ଦୁର୍ଗା ରମାଉମା ଦୂର୍ବା ସ୍ଥାରକ ଭେଦରେ ଲକ୍ଷଣ ହର ।
ମାଧବ ବଷ୍ଟ ବୈଶାଖ ଯେ ମାଧବ ଯାଦବଙ୍କ ଦଶ୍ବର । ୧୦ ।
ମାଧବୀ ମଧୁ ଶର୍କରା ବାସନ୍ତୀ ଯେ ମାଧବୀ ସୁରା ତୁଳସୀ ।
ରାଜୀବ ମୀନ ପଦ୍ମ ମୃଗ ରାଘବ ବନ୍ଧୁଙ୍କଣେ ଝସେ ଲକ୍ଷି । ୧୧ ।
ବଡ଼ବା ଦ୍ୱିଜଯୋଷିତ କୁମ୍ଭ ଦାସ ବଡ଼ବା ଯେ ଅଶ୍ୱନାରୀ ।
ସୋଷ୍ଟକ ପାତାଳ ବ୍ରାହ୍ମଣ ବଡ଼ବାନଳେ ବଡ଼ବା ଆଦର । ୧୨ ।
ସୁଗ୍ରୀବ ନନ୍ଦଘୋଷବିଷ୍ଣୁ ସୁଗ୍ରୀବ ପୁଣି ଶାଖାମୃଗେଶ୍ୱର ।
ସୈନ୍ଧବ ମଣିମନ୍ଥ ନାମ ସୈନ୍ଧବ ଲବଣ ତୁରଙ୍ଗସାର । ୧୩ ।
ଉପପ୍ଲବ ରାହୁଗ୍ରହ ଯେ ମାଧବୀ ତରଣି ସିଂହିକ ଅଣ ।
ଜୀବଞ୍ଜୀବ ବୃକ୍ଷଭେଦ ଚକୋରକ ବପଦ ନାମ ପ୍ରମାଣ । ୧୪ ।

ଇତି ବାନ୍ତ ।

ଅଂଶୁପକ୍ଷ ପ୍ରାଣ ହରଣ ବୋଲାଇ ଅଶୁ ଶୀଘ୍ର ଧାନ୍ୟାନ୍ତର ।
କାଶୀ ବାରାଣସୀପୁର କାଶ ପୁଷ୍ପ କାଶ କପି ଦିଗମ୍ବର । ୧ ।
କୁଶ ଦ୍ୱୀପ ଜଳ ଦର୍ଭ ରାମସୁତ ଈଶ ପକ୍ଷ ମହେଶ୍ୱର ।
କ୍ଳେଶ ଦୁଃଖ ଦଶା ଷଷ୍ଠ କ୍ଳେଶନାମା କାଳ ବରୁଣ କୁବେର । ୨ ।
କୋଷ କେତକ ଖଡ଼ଗପିଧାନ ଯେ ଦ୍ରବ୍ୟସଂଗ୍ରହସଦନ ।
ଦୃଶ ଦର୍ଶନ ନେତ୍ର ବୁଦ୍ଧି ନାଶ ଯେ ନୟନ ତାପ ଜଳ୍ପିନ । ୩ ।
ପାଶ ପାରୁଷ୍ୟ କେଶବେଶ ବନ୍ଧନ କର୍ଣ୍ଣପୁର ପୁଣି ପାଶ ।
ନଶା ବୋଲି ଦାରୁହରିଦ୍ରାକୁ ଜାଣ ଗୁଡ଼ତ୍ୱକ ସାତ୍ତ୍ୱଂଶ । ୪ ।
ଅଦର୍ଶ କହ ଦର୍ପଣକୁ ଟୀକାକୁ ପତ୍ରପୁସ୍ତକକୁ ପୁଣି ।
କର୍କଶ କାମ୍ପିଲ୍ଲ କଠିନ ନିର୍ଦ୍ଦୟ କ୍ରୂର ସାହସିକେ ଘେନି । ୫ ।
ବାଳଶ ନାମ ଶିଶୁ ମୂର୍ଖେ କହନ୍ତି ଚୈବଳ ବଟ ଭୃତେଶ ।
ବିକାଶ ବିକଚ ପ୍ରକାଶ ବୋଲାଇ ମୁନି ମେଷ ଯେ ଲୋମଶ । ୬ ।
ଖଣ୍ଡପର୍ଶୁ ନାମ କହେ ପର୍ଶୁରାମ ଶଙ୍କର ଚୂର୍ଣ୍ଣଲେପନୀ ।

ଜୀବନେଶ ଯମ କିଙ୍କର ବୋଲାଉ କ୍ରୂର କ୍ରୁଶ ଖର ଘନ । ୭ ।
ନାଗପାଶ ବନ୍ଧ ଆୟୁଧ ଦରଶ ପୂର୍ଣ୍ଣିମାସୀ ପଞ୍ଚଦଶୀ ।
ପରିବେଷ ବୋଲି ପରିଧିକ ବେଷ୍ଟନକୁ ସର୍ବମତେ କହି । ୮ ।

ଇତ ଶାନ୍ତ ।

ଈଷା ବାଣସୂତା ସ୍ୱହିଶେଷେ ଋଷି ମୁନି ସାଧିକ ଦେବତା ।
ଇର୍ଷ ଦର୍ଷଣେ ମାନଭେଦେ ଘୋଷ ଯେ ବ୍ରଜଙ୍କଷ୍ଠୀ ନାମେ ଇଛା ।୧
ଲୀବର୍ଦ୍ଦ ସଣ୍ଢଭେଦ ଶ୍ଳେଷ୍ମ ମୂଷିକ ଛାଗଳ ।
ଜପୂର୍ଣ୍ଣାଙ୍କ ଇନ୍ଦ୍ର ମେଷ ପ୍ରାନ୍ତ ବୃଷ କାମପାଳ । ୨ ।
ପୀୟୂଷ ଦଧି କ୍ଷୀର ସୁଧା ପୁରୁଷ ପୁଂସ ପୁଂନାଗ ପାଦପ ।
ମହିଷୀ ଲୁଲାପ ରାଜସ୍ତ୍ରୀ ପ୍ରଦୋଷ ସନ୍ଧ୍ୟା ଦୋଷରେ ପ୍ରଦୋଷ । ୩
କଲୁଷ ଆବିଳ ପାପ ରୋଗ ତାପ ଅପରାଧ ଯେ କିଲ୍ବିଷ ।
କଲ୍ମଷ କାଞ୍ଚିକ ପାବନ ହେ ନାଗ ନୃପ ବିଭେଦ ନହୁଷ । ୪ ।

ଇତ ଷାନ୍ତ ।

ସ୍ୱ ବୋଲି ଶୁଭକୁ ଆତ୍ମାକୁ ଧନକୁ ପ୍ରିୟକୁ ଯେ ସେ ସ୍ୱଜାତି ।
ସ୍ୱବେଶ ରଚନା ଭାରତୀ କମଳା ଶୋଭା ଶ୍ରୀ ବର୍ଣ୍ଣସମ୍ପତ୍ତି । ୧ ।
ଶ୍ୱାସ ଭସ୍ମ ମଣି ଦୋଷ ଦାସ ଭୃତ୍ୟ ଶୂଦ୍ରଙ୍କ ଅଜ୍ଞା ଧୀବର ।
ଦାସୀ ଚେଟୀ ହିଂସ୍ରୀ ନାସା ଯେ ନାସିକା ଅଧଦାରୁଣୀ ଅବର ।
ବସୁ ଭେଦ ଅଗ୍ନି ପ୍ରଭାକର ପ୍ରସୂ ପୂଣି ଯେ ଅମ୍ବା ଜନନୀ ।
ଇଷ ପ୍ରଭ ପକ୍ଷିଭେଦେ ମାଂସ ମେଦ କଲ୍ଲୋଳ ଜନ୍ତୁକୁ ଘେନ ।୩।
ରାସ କୋଳାହଳ ଗୋପୀକ୍ରୀଡ଼ାଭେଦ ବ୍ୟାସ ଯେ ମୁନି ବିସ୍ତୃତ ।
ରସ ଶୃଙ୍ଗାର ବିଷ ବୀର୍ଯ୍ୟ ପାରଦ ଦ୍ରବ୍ୟ ଧାତୁ ରାଗ ଇକ୍ଷୁ । ୪ ।
ରସ କେଳ ଜଳ ଦେହ ରସନା ଯେ ମଞ୍ଜିଷ୍ଠା ଭୂମି ଏ ରସା ।
ମିସି ଶତପୁଷ୍ପ ଅଜମୋଦା ମାସ କରିଣୀ ରମଣୀ ଯୋଷା ।। ୫ ।

ଇତ ସାନ୍ତ ।

ହ୍ରୀ ଲଜ୍ଜା ହ୍ରୀବେର କଷ୍ଟ ଜ୍ଞବନା ହେ ଶ୍ରେଷ୍ଠଙ୍କୁ ଯେ ସମ୍ବୋଧନ ।
ବହ୍ନି କେକୀ ଅଗ୍ନି ଅହି ସର୍ପଙ୍କୁ ଯେ ବୃତ୍ରାସୁର ନାମ ଘେନ । ୧ ।
ସହା ପୃଥ୍ୱୀ ଭୂମାଶ୍ରୀ ତରୁ ସହା ଜମ୍ବୁଳ ଏହି ପାଦପ ।
ବ୍ୟୂହ ଅକ୍ଷି ରଣପଣ୍ଡାରେ ବ୍ୟୂହ ଯେ ବୋଲାଇ ପୁଣି କଳାପ । ୨ ।
ଶିଖି ବାହନ ଅଶ୍ୱ ସ୍କନ୍ଦ ଷଡବଦନା ସ୍କନ୍ଦ କାର୍ତ୍ତିକେୟ ।
ଦେଖି ଦେହବନ୍ତ ଧରଣୀ ବୋଲାଇ ମଞ୍ଚ ମହାଭଙ୍ଗ ବସ୍ତୁ । ୩ ।
ଇହ ଇହସ୍ୟ ଏକାନ୍ତ ଶ୍ରେଷ୍ଠ ଶ୍ରେଷ୍ଠ ଶାଖା ସିଂହ କଣ୍ଠୀର
ବୃଦ୍ଧ ମୂଳ ଅନ ବୃଦ୍ଧ ବୋଲି କହ ଜନମ ଏକଲୁ ଜବ

ଇତି ଦ୍ଵାନ୍ତ ।

ଲକ୍ଷ ଲକ୍ଷ୍ମଣ ନକ୍ଷତ୍ର ଶିବଭେଦ ଯକ୍ଷ ଗୁହ୍ୟକ କୁବେର ।
କକ୍ଷ ମହକ୍ଷ ବାହୁମୂଳ କକ୍ଷ ଯେ ଗହ ପଶ୍ଚାତ ଅଞ୍ଚଳ । ୧ ।
କକ୍ଷ ପ୍ରକୋଷ୍ଠ ଢାଣୀ ଉଳ ଉକ୍ଷ ଯେ କକ୍ଷା ରଥ ଗୁଣ ପୁଣି ।
ଦ୍ୱିସଲ୍ୟା ଜମ୍ବା ଗବାକ୍ଷଣ୍ଡ ଅଶ୍ୱତ୍ଥ ପ୍ଲକ୍ଷ ବୋଲନ୍ତର ଗଣି । ୨ ।
ଋକ୍ଷ ପକ୍ଷୁ ପ୍ରଜାପତ ତାମ୍ରଚୂଡ ଧ୍ୱାଂକ୍ଷ ମତ୍ସ୍ୟରାଜ କାକ ।
ପକ୍ଷ ମାସାର୍ଦ୍ଧ ସହାୟ ପାର୍ଶ୍ୱ ଗହ ସାଧ୍ୟ ଦଲେକେ ବଦ୍ଧ୍ୟକ । ୩ ।

ଇତି କ୍ଷାନ୍ତ ।

ନାନାର୍ଥ ଶୀତ-ଅଭିଧାନ କଲି ମୁଁ ସାର ସାର ଯେତେ ବାଛି ।
ଶବ୍ଦ ସମୁଦ୍ରବତ ପାର ହେବାକୁ କାହାର ସାମର୍ଥ୍ୟ ଅଛି । ୧ ।
ମନ ଦେଲେ ମୂର୍ଖେ ପଣ୍ଡିତ ହୋଇବେ ବୁଧେ କରିବେ ପ୍ରଶଂସା ।
ସଂସ୍କୃତ ଲିଙ୍ଗ ସଂଗ୍ରହରେ ଅବ୍ୟକ୍ତବୋଧକ ପ୍ରାକୃତ ଭାଷା । ୨ ।
ଏଥାରୁ କ୍ଷମାଏ ବର୍ଣ୍ଣ ବିରଚନା ଅକ୍ଷର ଧରି ହେଲିବ ।
କହେ ଜଗନ୍ନାଥ ଭକ୍ତ ସାଗରେ ଲେଖା ଶବ୍ଦକୁ ଘେନିବ । ୩ ।

ସମାପ୍ତ ।

କଟକ ଅରୁଣୋଦୟ ପ୍ରେସରେ ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ମୁଦ୍ରିତ ।

National Library